Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:288✦14 February 2026 (Saturday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୮୮✦୧୪ ଫେବୃଆରୀ ୨୦୨୬ (ଶନିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ହୋହଲ୍ଲା

ମାର୍ଚ୍ଚ ୯ ପର୍ଯ୍ୟନ୍ତ ସଂସଦ ମୁଲତବୀ

ନୂଆଦିଲ୍ଲୀ,୧୩/୨ : ବଜେଟ ଅଧିବେଶନର ପ୍ରଥମାର୍ଦ୍ଧ ଶୁକ୍ରବାର ଶେଷ ହୋଇଛି । ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏବଂ ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରବଣେଙ୍କ ଅପ୍ରକାଶିତ ଆତ୍ମଜୀବନକୁ ନେଇ ବଜେଟ ଅଧିବେଶନର ପ୍ରଥମ ଭାଗରେ ପ୍ରବଳ ହୋହଲ୍ଲା ଓ ହଟ୍ଟଗୋଳ ଦେଖାଯାଇଥିଲା । ଶୁକ୍ରବାର ଅଧିବେଶନ ଆରମ୍ଭ ହେବା କ୍ଷଣି ହୋହଲ୍ଲା ଚାଲିଥିବାବେଳେ ଉଭୟ ଗୃହକୁ ଆସନ୍ତା ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ଶୁକ୍ରବାର ସଂସଦ ପରିସରରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଉତ୍ତପ୍ତତା ଦାବି କରି ବିରୋଧୀ ସାଂସଦମାନେ ସ୍ଲୋଗାନ ଦେଇ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ । ଲୋକସଭାରେ ହରିଦ୍ୱାରର ପୂର୍ବତନ ସାଂସଦ ଉତ୍ତରାନବାସ ରାଠୋରଙ୍କ ପରଲୋକରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏକ ମିନିଟ୍ ନିରବ ପାଳନ କରାଯାଇଥିଲା । ମାର୍ଚ୍ଚ ୯ରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହେଲେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପକ୍ଷରୁ ବିଶେଷାଧିକାର ହନନ ପ୍ରସ୍ତାବ ଆଗତ କରିପାରେ । ବିଶେଷାଧିକାର ହନନ ପ୍ରସ୍ତାବ ନେଇ ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ବାଦ୍ ପ୍ରତିବାଦ ଏବଂ ଆରୋପ ପ୍ରତ୍ୟାରୋପ ଚାଲିଛି । ସୂଚନାଯୋଗ୍ୟ, ବଜେଟ ଆଲୋଚନା ବେଳେ ରାହୁଲ ଗାନ୍ଧୀ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଓ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କରିଥିବା ଟିପ୍ପଣୀକୁ ନେଇ ବିଜେପି ବିଶେଷାଧିକାର ହନନ ଭାବେ ଗ୍ରହଣ କରୁଛି । ଏପର୍ଯ୍ୟନ୍ତ ବିଜେପି ଏହି ପ୍ରସ୍ତାବ ଆଣିବ କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ । କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପିୟୁଷ ଗୋୟଲ ଓ କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ବିରୋଧୀ ନେତା ରାହୁଲ ଗାନ୍ଧୀଙ୍କ ଉପରେ ଭାରତ- ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ମିଥ୍ୟା ପ୍ରଚାର କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ଶୁକ୍ରବାର ସେମାନେ ଦାବି କରିଥିଲେ ଯେ, ଏହି ବୁଝାମଣା ଦ୍ୱାରା ସମ୍ପୂର୍ଣ୍ଣ କୃଷକଙ୍କ ହିତରେ ରହିଛି । ଉଭୟ ଗୋୟଲ ଓ ଶିବରାଜ 'ଏକ୍ସ'ରେ ପୋଷ୍ଟ କରି ରାହୁଲଙ୍କୁ ଅଭ୍ୟାସଗତ ମିଛୁଆ ଓ ସେ କୃଷକଙ୍କ ସମ୍ପତ୍ତାକରର ହେଉ ବୋଲି ଚାହୁଁନଥିବା କହିଛନ୍ତି ।

ସେବାତୀର୍ଥ ଓ କର୍ତ୍ତବ୍ୟ ଭବନ ଉଦଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୩/୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂତନ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ, ଏବଂ ବ୍ୟାଧିନେତ ସଚିବାଳୟ କୋଠା କମ୍ପ୍ଲେକ୍ସର ନାମ "ସେବା ତୀର୍ଥ"କୁ ଉଦଘାଟନ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଆଜି ନୂତନ ପିଏମଓ ଅଫିସକୁ ଯିବେ । ସେ ସନ୍ଧ୍ୟା ପ୍ରାୟ ୬ ଟାରେ ସେବା ତୀର୍ଥ ସହିତ କର୍ତ୍ତବ୍ୟ ଭବନ-୧ ଏବଂ ୨ ଉଦଘାଟନ କରିବେ, ଏବଂ ତା'ପରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କର୍ତ୍ତବ୍ୟ ଭବନ-୧ ଏବଂ ୨ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟର ନୂତନ କାର୍ଯ୍ୟାଳୟ ହେବ । ବର୍ତ୍ତମାନ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ନୂଆଦିଲ୍ଲୀର ସଚିବାଳୟ କୋଠାର ଉତ୍ତର ଏବଂ ଦକ୍ଷିଣ ବ୍ଲକରେ ଅବସ୍ଥିତ । ଏହି ଦୁଇଟି କୋଠା ପ୍ରାୟ ୭୮ ବର୍ଷ ଧରି କ୍ଷମତାର କେନ୍ଦ୍ର ହୋଇଛି । ଶୁକ୍ରବାର ସେଠାରେ ସରକାରୀ କାର୍ଯ୍ୟର ଶେଷ ଦିନ ହେବ । ସେବା ତୀର୍ଥକୁ ଯିବା ପୂର୍ବରୁ, ପ୍ରଧାନମନ୍ତ୍ରୀ ମୋଦୀ ସାଉଥ୍ ବ୍ଲକରେ କେନ୍ଦ୍ର କ୍ୟାବିନେଟର ଏକ ସ୍ୱତନ୍ତ୍ର ବୈଠକ କରିବେ । ଏହି ବୈଠକ ଆଜି ଅପରାହ୍ନ ୪ ଟାରେ ହେବାର କାର୍ଯ୍ୟକ୍ରମ ରହିଛି । ଏହା ବ୍ରିଟିଶ ସୁଗର ସଚିବାଳୟ କୋଠାରେ ଶେଷ କ୍ୟାବିନେଟ ବୈଠକ ହେବ । ସେବା ତୀର୍ଥର ଅର୍ଥ 'ସେବା ସ୍ଥାନ' । ମୂଳତଃ 'କାର୍ଯ୍ୟକାରୀ ଏନକ୍ଲେଭ'

ନବରଙ୍ଗପୁର ଠାରେ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ନବରଙ୍ଗପୁର,୧୩/୨(ନି/ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏକ ଦିନିଆଁ ନବରଙ୍ଗପୁର ଗସ୍ତରେ ଆସି ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କରିବା ସହିତ ୧୭୭ଟି ପ୍ରକଳ୍ପର ଶୁଭ ଉଦ୍ଘାଟନ କରିଛନ୍ତି ।ନବରଙ୍ଗପୁର ସ୍ଥିତ ହିଲି ଡ଼ଙ୍ଗରି ଠାରେ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଜିନ୍, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟସଭା ସାଂସଦ ମଜବୁଲ୍ଲା ଖାନ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରାଣ୍ଡାରୀ, ଝରିଗାଁ ବିଧାୟକ ନରସିଂହ ଭତରା, କୋରପାଡ଼ ବିଧାୟକ ଲୁପୁ ଭତରା,ମାଲକାନଗିରି ବିଧାୟକ ନରସିଂହ ମାରକାମି, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିବା ଦେଖିବାକୁ ମିଳିଛି ।ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମାଝୀ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ଉପରେ ନିଜ ଅଭିଭାଷଣ ରଖିବାକୁ ଯାଇ ଜିଲ୍ଲାର ବିଭିନ୍ନ ବିକାଶ ପାଇଁ ମୋଟ ୧୭୭ଟି ପ୍ରକଳ୍ପର ମଧ୍ୟ ଶୁଭ ଉଦ୍ଘାଟନ କରିଛନ୍ତି, ଯାହାର ହାରାହାରି ଅତଳନ ମୂଲ୍ୟ ୪୪୬୨୫.୪୯ଟଙ୍କା ମଞ୍ଜୁର ହୋଇଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ରେ କହିଛନ୍ତି ।ଏହି ପ୍ରକଳ୍ପ ସବୁ ନବରଙ୍ଗପୁର ଜିଲ୍ଲାର ଉନ୍ନତି ପାଇଁ ବେସ ସହାୟ ହେବ ବୋଲି ସେ ନିଜ ଅଭିଭାଷଣରେ କହିଛନ୍ତି ।

ତୀର୍ଥଯାତ୍ରୀ ବସ ଦୁର୍ଘଟଣା ଗ୍ରସ୍ତ :

ବାଲେଶ୍ୱର,୧୩/୨(ନି/ପ୍ର) :ବାଲେଶ୍ୱର ଜିଲ୍ଲା ଖଣ୍ଡପଡ଼ା ଥାନା ବାହାନଗା ଛକ ନିକଟରେ ଏକ ତୀର୍ଥଯାତ୍ରୀ ବସ ଦୁର୍ଘଟଣା ଗ୍ରସ୍ତ ହୋଇଛି । ସୋମବାରେ ତୀର୍ଥଯାତ୍ରୀ ବସଟି ଦୁର୍ଘଟଣା ହେଇଥିଲା ଘୋଳକୁ ଧଳ୍କା ଦେଇ ୩୦ ଫୁଟ ତଳକୁ ଖସିପଡ଼ିଥିଲା ବସଟି କଲିକତାରୁ ପୁରୀ ଅଭିମୁଖେ ଯାଉଥିଲା । ଭେଙ୍କଟେଶ୍ୱରୀ ବସ୍ ଭାରସମ୍ୟ ହରାଇ ଡିଭାଇଡର ଉପରକୁ ଚଢ଼ିଯିବାରୁ, ଘୋଳକୁ ଗଡ଼େଇ ହୋଇ ତଳକୁ ଖସିପଡ଼ିଲେ ଡ୍ରାଇଭର । ସୂଚନା ମୁତାବକ ଆଜି ସକାଳ ୫.୧୫ ମିନିଟ ସମୟରେ କଲିକତା ରୁ ପୁରୀ ଅଭିମୁଖେ ଯାଉଥିବା ଶ୍ରୀ ଭେଙ୍କେଟଲକ୍ଷ୍ମୀ ନାମକ(ଏପି-୨୫ଡବ୍ଲୁ-୯୧୨୯) ଏକ ତୀର୍ଥଯାତ୍ରୀ ବସ ଭାରସମ୍ୟ ହରାଇ ଡିଭାଇଡର ଉପରକୁ ଚଢ଼ିଯାଇଥିଲା ।।

ବଦଳିବ ପାରାଦୀପର ରୂପରେଖ, ପର୍ଯ୍ୟଟକଙ୍କୁ ଟାଣିବ ବ୍ଲୁ ଫ୍ଲାଗ୍ ବିଚ୍

ପାରାଦୀପ,୧୩/୨(ନି/ପ୍ର): ବଦଳିବ ପାରାଦୀପର ରୂପରେଖ । ପାରାଦୀପରେ ହେବ ବ୍ଲୁଫ୍ଲାଗ୍ ବିଚ୍। ପର୍ଯ୍ୟଟନ କ୍ଷେତ୍ରରେ ସୃଷ୍ଟି କରିବ ନୂତନ ଅଧ୍ୟାୟ । ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ବିନିକିଆ ପାରାଦୀପ ସମ୍ପରେ ଆସି ମୁଖ୍ୟ ଶାସନ ସଚିବ ଏନେଇ ସମୀକ୍ଷା କରିଛନ୍ତି । ପାରାଦୀପ ଲାଇଟ ହାଉସ୍ ବେଳାଭୂମିରେ ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ, ଏସପି ଅଙ୍କିତ ବର୍ମା ଓ ବିଭିନ୍ନ ଅଧିକାରୀମାନଙ୍କ ସହିତ ଏନେଇ ବିସ୍ତୃତ ଆଲୋଚନା କରିଛନ୍ତି । ଏନେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ପ୍ରକୃତିର ବିରଳ ଅବଦାନ ବଙ୍ଗୋପସାଗର ଉପକୂଳର ପାରାଦୀପ ଠାରୁ ୭ କିଲୋମିଟର ସମୁଦ୍ର କୂଳ ବେଳାଭୂମିରେ ବ୍ଲୁଫ୍ଲାଗ୍ ବିଚ୍ ନିର୍ମାଣ ହେବ । ପ୍ରଥମ ପର୍ଯ୍ୟାୟରେ ୩ କିଲୋମିଟର ପାଇଁ ବ୍ଲୁ ଫ୍ଲାଗ ବିଚ୍ ନିର୍ମାଣ କାର୍ଯ୍ୟ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଶେଷ କରିବାକୁ ସମସ୍ତ ପ୍ରୟାସ ଜାରି ରହିଛି । ଏହା ସହିତ ବିଭିନ୍ନ କୋଣରୁ ପାରାଦୀପର ମୁନିସିପାଲିଟି ହେଉ କିମ୍ବା ବନ୍ଦନନଗରୀର ବିକାଶ ପାଇଁ ବନ୍ଦର ଅଧ୍ୟକ୍ଷ ପି.ଏଲ ହର ନାଙ୍କ ସହିତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କ ସହ ବିସ୍ତୃତ ଆଲୋଚନା କରାଯିବା ନେଇ ମଧ୍ୟ ସୂଚନା ଦେଇଛନ୍ତି । ପାରାଦୀପ ବ୍ଲୁ ଫ୍ଲାଗ ବିଚ୍ ନିର୍ମାଣ ହେବାପରେ ପର୍ଯ୍ୟଟନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନା କରିବା ସହିତ ଗୋଆ ବିଚ୍ ଭଳି ପାରାଦୀପ ବେଳାଭୂମିକୁ ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ଆଗମନ ହେବ । ଯାହା ଫଳରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ସ୍ଥାନୀୟ ଲୋକେ ଶ୍ୱାବଲମ୍ବୀ ହେବା ସହିତ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ଦେଶ ବିଦେଶରେ ସୁନାମ ଅର୍ଜନ କରିବ । ରାଜ୍ୟ ସରକାର ଯେଉଁଭଳି ପୁରୀ, ପାରାଦୀପ ଓ ଭୁବନେଶ୍ୱରକୁ ଇକୋନୋମିକାଲ କରିବେ ନିର୍ମାଣ କରିବାକୁପ୍ରୟାସ ଆରମ୍ଭ କରିଛନ୍ତି ।ଏହା ପାରାଦୀପ ବିକାଶରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବ ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ।

୩ ରାଜ୍ୟସଭା ଆସନ ଦଖଲ କରିବ ବିଜେପି

ଭୁବନେଶ୍ୱର,୧୩/୨(ନି/ପ୍ର): ରାଜ୍ୟସଭା ନିର୍ବାଚନରେ ୩ସିଟ୍ ଦଖଲ କରିବ ବିଜେପି । ଏନେଇ ଦମ୍ଭୋକ୍ତି ଦେଖାଇଛନ୍ତି ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲି ସିଂହ ଡୋମାର । ୩ଟି ସିଟ୍ ଦଖଲ କରିବା ପାଇଁ ରଣନୀତି ପ୍ରସ୍ତୁତ ହୋଇଥିବା ସେ କହିଛନ୍ତି । ପ୍ରାର୍ଥୀ କିଏ ହେବ ନିଷ୍ପତ୍ତି ସଂସଦୀୟ ବୋର୍ଡ ନେବ ବୋଲି କହିଛନ୍ତି ଡୋମାର । ଓଡ଼ିଶାରୁ ରାଜ୍ୟସଭାର ୪ଟି ଆସନ ଏପ୍ରିଲ ପ୍ରଥମ ସପ୍ତାହରେ ଖାଲି ହେବାକୁ ଯାଉଛି । ତେବେ ଚଳିତ ମାସ ଶେଷ ସପ୍ତାହରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ । ଏହାକୁ ନେଇ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ରାଜନୈତିକ ଗତିବିଧି ବଢିଲାଣି । ରାଜ୍ୟସଭାରେ ବର୍ତ୍ତମାନ ବିଜେଡିର ୭ ଓ ବିଜେପିର ୩ ସାଂସଦ ରହିଛନ୍ତି । ଆସନ୍ତା ଏପ୍ରିଲ ୨ରେ ବିଜେଡିର ସୁଚିତ କୁମାର ଓ ମମତା ମହନ୍ତ ଏବଂ ବିଜେଡିର ମୁଜିବୁଲ୍ଲା ଖାନ୍ ଓ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଶେଷ ହେବ ।

ମାଡାଗାସ୍କରରେ ତାଣ୍ଡବ ରଚିଲା 'ଗେଜାନି' ; ୩୧ ମୃତ

ଆଟାନାନାରିଭୋ,୧୩/୨: ମାଡାଗାସ୍କରର ମୁଖ୍ୟ ବନ୍ଦର ସହର ଟୋଆମାସିନାରେ ବାତ୍ୟା ଗେଜାନି ତାଣ୍ଡବ ରଚିଛି । ଗେଜାନି ସ୍ଥଳଭାଗ ଛୁଇଁବା ସମୟରେ ଭୟଙ୍କର ଘୂର୍ଣ୍ଣିଝଡ଼ରେ ପରିଣତ ହୋଇଥିଲା । ଏହାର ପ୍ରଭାବରେ ୩୧ ଜଣ ନାଗରିକଙ୍କର ମୃତ୍ୟୁ ହୋଇଛି । ୪ ଜଣ ନିଖୋଜ ଥିବାବେଳେ ୩୬ ରୁ ଅଧିକ ଲୋକ ଆହତ ହୋଇଛନ୍ତି । ପ୍ରବଳ ବର୍ଷା ଓ ପବନ ଲାଗି ରହିଥିବାରୁ ୬,୦୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଘୂର୍ଣ୍ଣିଝଡ଼ ଗେଜାନି ମଙ୍ଗଳବାର ଲ୍ୟାଣ୍ଡଫଲ୍ କରିଥିବାବେଳେ ଭୟଙ୍କର ପବନ ହୋଇଥିଲା । ଘଣ୍ଟା ପ୍ରତି ପ୍ରାୟ ୧୮୫ କିଲୋମିଟର (୧୧୫ ମାଇଲ) ବେଗରେ ପବନ ବହିଥିଲା । ସ୍ଥଳ ବିଶେଷରେ ୨୭୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଝଟ୍‌କା ପବନ ବହିବା ଯୋଗୁ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିଲା । ପବନ ଯୋଗୁ ଅନେକ ଦୁର୍ବଳ କୋଠା ଭୁଶୁଡ଼ି ପଡ଼ିଥିଲା । କୋଠା ଭୁଶୁଡ଼ି ପଡ଼ିବା ଯୋଗୁ ବହୁ ଲୋକଙ୍କ ମୃତ୍ୟୁ ହୋଇଥିଲା ବୋଲି ଜାତୀୟ ବିପଦ ଏବଂ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟାଳୟ ପକ୍ଷରୁ ଜୁହାଯାଇଛି । ଅଧିକାରୀମାନେ କହିଛନ୍ତି ଯେ ଟୋମାସିନାର ପ୍ରାୟ ୭୫ ପ୍ରତିଶତ ଜିନିଭୂମି କ୍ଷତିଗ୍ରସ୍ତ କିମ୍ବା ନଷ୍ଟ ହୋଇଯାଇଛି, ଯେଉଁଥିରେ ଘର, ଦୋକାନ, ବିଦ୍ୟୁତ୍ ଜିନିଭୂମି ଏବଂ ରାସ୍ତା ରହିଛି । ଅକ୍ଟୋବରରେ ଏକ ସାମରିକ ବିଦ୍ରୋହ ପରେ କ୍ଷମତାରୁ ଆସିଥିବା ରାଷ୍ଟ୍ରପତି ମାଇକେଲ ରାଣ୍ଡ୍ରିଆନିରିନା କ୍ଷୟକ୍ଷତି ଆକଳନ କରିବା ପାଇଁ ପ୍ରଭାବିତ ଅଂଚଳ ପରିଦର୍ଶନ କରିଥିଲେ । ଜାତିସଂଘ ଆକଳନ କରିଛି ଯେ ଘୂର୍ଣ୍ଣିଝଡ଼ ମାଡାଗାସ୍କରରେ ବାର୍ଷିକ ପ୍ରାୟ ୮୫ ନିୟୁତ ଡଲାରର ଜିନିଭୂମି କ୍ଷତି କରିଥାଏ । ପାଶିପାରି ବିଶେଷଜ୍ଞମାନେ କହିଛନ୍ତି ଯେ ଗେଜାନି ଭାରତ ପହଁଚିବାର ସମ୍ଭାବନା ନାହିଁ । ଏହି ପ୍ରଣାଳୀ ଦକ୍ଷିଣ-ପଶ୍ଚିମ ଭାରତ ମହାସାଗର ଅଂଚଳରେ ସୀମିତ ରହିବ, ଯଦି ଏହା ପୁଣି ଶକ୍ତିଶାଳୀ ହୁଏ ତେବେ ମାଡାଗାସ୍କର ଏବଂ ସମ୍ଭବତଃ ମୋଜାମ୍ବିକର ଉପକୂଳର କିଛି ଅଂଶକୁ ପ୍ରଭାବିତ କରିବ । ଚଳିତ ବର୍ଷ ମାଡାଗାସ୍କରରେ ଏହା ଦ୍ୱିତୀୟ ଘୂର୍ଣ୍ଣିଝଡ଼ ଥିଲା । ଦଶ ଦିନ ପୂର୍ବରୁ ଆସିଥିବା ଘୂର୍ଣ୍ଣିଝଡ଼ ଫିଡିଆରେ ୧୪ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ୩୧,୦୦୦ ରୁ ଅଧିକ ଲୋକ ବାସଚ୍ୟୁତ ହୋଇଥିଲେ ।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ପିଏମଶ୍ରୀ ଡିଏନହାଇସ୍କୁଲର ବାର୍ଷିକଉତ୍ସବ ଓ ଛାୟା ବିଧାନସଭା

କେନ୍ଦୁଝର,୧୩/୨(ନି/ପ୍): କେନ୍ଦୁଝର ଜିଲ୍ଲାର ସୁନାମଧନ୍ୟ ପିଏମଶ୍ରୀ ଐତିହ୍ୟ ଡିଏନହାଇସ୍କୁଲ ର ବାର୍ଷିକ ଉତ୍ସବ ଓ ଛାୟା ବିଧାନସଭା ବର୍ଣ୍ଣାଢ୍ୟ ପରିବେଶ ରେ ପ୍ରଧାନ ଶିକ୍ଷକ ପ୍ରବୀର ମହାନ୍ତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି, ସୁଦୀର୍ଘ ବ୍ୟାପୀ ଏହି ଉତ୍ସବରେ ପୌରାଧ୍ୟକ୍ଷ ନିକୁସାହୁ ମୁଖ୍ୟଅତିଥି, ଡିଆଇଇଟି ଅଧ୍ୟକ୍ଷ କଳ୍ୟାଣୀ ମାଝୀ ମୁଖ୍ୟ ବକ୍ତା, ଏଚିଇଓ ଶ୍ରୀକାନ୍ତ ବେହେରା, ସଦ୍ୟତନାରାୟଣ ମହାନ୍ତ, ଶିକ୍ଷାବିତ ସୁରେଶ ଚନ୍ଦ୍ର ବଳ, ପରମେଶ୍ୱର ବେହେରା, ମଧୁସୂଦନ ମିଶ୍ର, ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ଉଦବୋଧନ ଦେଇ ଆଗାମୀ ସମୟରେ ଜଣେ ଜଣେ ଉତମ ନାଗରିକ ହୋଇ ଦେଶ ଓ ସମାଜ ର ଉନ୍ନତି କରିବା ସହିତ ବିଦ୍ୟାଳୟ ର ସମ୍ମାନ ବୃଦ୍ଧି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିବାକୁ ପରାମର୍ଶ ଦେଇଥିଲେ, ସହକାରୀ ଶିକ୍ଷକ ସରୋଜ ବେହେରା, ସଂଗୀତା ମହାନ୍ତ, ଦ୍ୟୋତ୍ସ୍ନାମୟୀ ବେହେରା ଙ୍କ ତତ୍ତ୍ୱାବଧାନ ରେ ଛାତ୍ର ଛାତ୍ରୀ ମାନେ ଛାୟା ବିଧାନସଭା ସ୍ଥଳର ଭାବେ ଆୟୋଜିତ ହୋଇଥିଲା ଯାହାକି ଅତ୍ୟନ୍ତ ଉପଯୋଗୀ ହୋଇପାରିଥିଲା, ୭୪ଜଣ ବଦାନ୍ୟ ବିଶିଷ୍ଟ ବ୍ୟକ୍ତି ଙ୍କ ଦ୍ୱାରା ପ୍ରଦତ୍ତ ୪୨ହଜାର ଟଙ୍କା ଅର୍ଥରାଶି କୁବିଭିନ୍ନ ବିଭାଗ ର କୃତୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଅଧିକାରୀ ପୂର୍ଣ୍ଣେନ୍ଦ୍ର ବରିହା ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା, ଶିକ୍ଷୟତ୍ରୀ ଚନ୍ଦ୍ରଶୋଭାମୟୀ ଗୁରୁଲି ପ୍ରେମାନନ୍ଦ ସାହୁଙ୍କୁ ପ୍ରଜ୍ଞାସମ୍ମାନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା, ଶିକ୍ଷକ ଉଦୟନାଥ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସୁରେନ୍ଦ୍ର କୁମାର ପଇଡା ଧନ୍ୟବାଦ ଅର୍ପଣ କରିଥିଲେ, ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ବିଭିନ୍ନ ଧରଣ ର ଉନ୍ନତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଶୈଳୀ ସମସ୍ତ ଙ୍କ ହୃଦୟ ଜିଣିନେଇଥିଲା

ଆନ୍ତର୍ଜାତୀୟ ସ୍ତରୀୟ ଅଲିମ୍ପିକ୍ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମରେ ଭାଗ ନେବେ କେନ୍ଦୁଝରର ଜ୍ୟୋତିରଞ୍ଜନ ମହାନ୍ତ

କେନ୍ଦୁଝର,୧୩/୨(ନି/ପ): ସୁଇଜରଲ୍ୟାଣ୍ଡର ଲାଉସେନ୍ ସହରରେ ଅବସ୍ଥିତ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟିର ମୁଖ୍ୟ କାର୍ଯ୍ୟାଳ ରେ ୧୧ ରୁ ୧୭ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତୀୟ ସ୍ତରୀୟ ଅଲିମ୍ପିକ୍ ମୂଲ୍ୟବୋଧ ଭିତ୍ତିକ କ୍ଷେତ୍ର ପରିଦର୍ଶନରେ ଓଡ଼ିଶାରୁ ୪ ଜଣ ଛାତ୍ର ଛାତ୍ରୀ ସାମିଲ ହେବାରୁ ଥିବାବେଳେ କେନ୍ଦୁଝର ଜିଲ୍ଲାରୁ ଏନ୍.ଏସ୍.ପୋଲିସ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ଜ୍ୟୋତିରଞ୍ଜନ ମହାନ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି।ଆନ୍ତର୍ଜାତୀୟ ସ୍ତରରେ କେନ୍ଦୁଝର ଜିଲ୍ଲାର ପ୍ରତିନିଧିତ୍ୱ କରିବାକୁ ଯାଉଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସଦ୍ୟନାରାୟଣ ମହାନ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜ୍ୟୋତିରଞ୍ଜନ ମହାନ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସୂଚନା ଯୋଗ୍ୟ ଅଜିନବ ବିନ୍ଦ୍ରା ଟ୍ରଷ୍ଟ ଫାଉଣ୍ଡେସନ ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗ(ଓସେପା)ର ମିଳିତ ସହଯୋଗରେ ରାଜ୍ୟରେ ଅଲିମ୍ପିକ୍ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ (ଓଭିଇପି) ୧୭ ଟି ଜିଲ୍ଲାରେ କାର୍ଯ୍ୟକ୍ଷମ ହୋଇଛି।କେନ୍ଦୁଝର ଜିଲ୍ଲାର ୨୦ ଟି ବିଦ୍ୟାଳୟରେ ଓଭିଇପି ଜିଲ୍ଲା ସହାୟକ ଅଧିକାରୀ ଅଭିଜିତ୍ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଲିମ୍ପିକ୍ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ ଜାରି ରହିଛି।ଏନ୍.ଏସ୍. ପୋଲିସ ହାଇସ୍କୁଲର ଓଭିଇପି ଗାଇଡ ଶିକ୍ଷକ ବିଜୟ କୁମାର ବେହେରାଙ୍କ ମାର୍ଗଦର୍ଶନରେ ଜ୍ୟୋତିରଞ୍ଜନ ଏହି ଆନ୍ତର୍ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେବାରୁ ଯାଉଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଳା ରାଉତଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖୁସିବ୍ୟକ୍ତ କରିବା ସହ ସଫଳ ଯାତ୍ରା କାମନା କରିଛନ୍ତି।

କେନ୍ଦୁଝର ବନ୍ଦ ଆଂଶିକ ସଫଳ

କେନ୍ଦୁଝର,୧୩/୨(ନି/ପ):-ବିଭିନ୍ନ ସଂଗଠନ ପକ୍ଷରୁ ଆଜି ଦିଆଯାଇଥିବା ବନ୍ଦ ଡାକରା କେନ୍ଦୁଝର ଜିଲ୍ଲାରେ ଆଂଶିକ ସଫଳ ହୋଇଥିଲା ଶାନ୍ତି ଶୃଙ୍ଖଳା ପାଇଁ ବିଭିନ୍ନ ଛକ, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ମାନଙ୍କରେ ପୋଲିସ ପୁରୟନ ହୋଇଥିବା ବେଳେ ଆୟୋଜନକାରୀଙ୍କ ଦ୍ୱାରା ଅନେକ ସ୍ଥାନମାନଙ୍କ ରେ ପିକେଟିଂ କରାଯାଇଥିଲା, ପ୍ରାୟ ସମସ୍ତ ବାଣିଜ୍ୟପ୍ରତିଷ୍ଠାନ ବନ୍ଦ ରହିଥିବା ବେଳେ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଅଧିକାରୀ ମାନେ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରୁଥିବାର ଦୃଶ୍ୟମାନ ହୋଇଥିଲା, ବ୍ୟବସାୟିକ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିଲା । ଏଥିପାଇଁ ଯାତ୍ରୀମାନଙ୍କୁ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଥିଲା ।

ଜଳାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୧୩/୨(ନି/ପ): କେନ୍ଦ୍ରାପଡା ଜଳାଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳନ ହୋଇଯାଇଛି । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ସରପଂଚ କଳ୍ପନା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ମୁଖ୍ୟ ବକ୍ତାଭାବେ ସିଆ ?ସିସି ବିରଜା ନଳିନୀ ମହାନ୍ତି, ସମ୍ମାନିତ ଅତିଥି ଭାବେ ରବିନ୍ଦ୍ର କୁମାର ବାରିକ, ପରିଚାଳନା ପରିଷଦ ସଭାପତି ରଶ୍ମୁଲତା ସ୍ୱାଇଁ ଯୋଗଦେଇଥିଲେ । ସ୍କୁଲରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ପ୍ରେମ ସପ୍ତାହରେ ପ୍ରେମ ପାଇଁ ଚାଲିଗଲା ପ୍ରେମିକର ଜୀବନ

ଆନନ୍ଦପୁର,୧୩/୨(ନି/ପ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଡାବୁଆଁ ଗ୍ରାମର ପ୍ରମୋଦ ଦାସଙ୍କ ପୁତ୍ର ବୁଲୁଆ ଦାସ(୨୨) ୩ମାସ ହେବ ଯାଇପୁର ଜିଲ୍ଲା କୋରେଇ ଗାଡିଆ ଗ୍ରାମର ଲକ୍ଷ୍ମୀଧର ରାଉତଙ୍କ ଝିଅକୁ ଭଲ ପାଇଥିଲେ । ଭଲପାଇବାକୁ ବଚାଂଇ ରଖିବାକୁ ଯାଇ ଉଭୟ ଘରୁ ଲୁଚି ଚାଲି ଯାଇଥିଲେ । ଘଟଣାକୁ ନେଇ ଝିଅ ଘର କୋରେଇ ଥାନାରେ ଏତଲା ଦେଇଥିଲେ । ପୁଲିସ ଅନୁସନ୍ଧାନ କରିବାପରେ ସେମାନଙ୍କୁ ବାଙ୍ଗାଲୋରରୁ ଠାବ କରିଥିଲା । ପରେ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ୩ମାସ କେଲଦଣ୍ଡ ଶୁଣାଇଥିଲା । ପୁଅ କେଲରୁ ଫେରିବା ବାପା ଓ ମା, ଝିଅ ଘରକୁ ସମାଧାନ ଉଦ୍ଦେଶ୍ୟ ରେ ଯାଇଥିଲେ । କିନ୍ତୁ ଝିଅର ପରିବାର ଲୋକେ ସେଠାରେ ଅପମାନ ଦେଇଥିଲେ । ସେଠାରୁ ଫେରିବା ପରେ ମଧ୍ୟ ପ୍ରେମିକା ସହ ଫୋନ ଯୋଗେ ସଂପର୍କ ରଖିବା ପାଇଁ ବାରମ୍ବାର ଚେଷ୍ଟା କରୁଥିଲା ବୁଲୁଆ । କିନ୍ତୁ ବାପା ଓ ବୋଉ ମାନସିକ ଅଶାନ୍ତିରେ ଥିବା ଦେଖି ନିଜର ମାନସିକ ଭାରସାମ୍ୟ ହରାଇ ବସିଥିଲେ । ଘଟଣାରେ ଚରମ ନିଷ୍ପତି ନେଇ ଘରେ କେହି ନଥିବା ବେଳେ ବେଳରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ପରିବାର ଲୋକେ ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ । ରାମଚନ୍ଦ୍ରପୁର ପୁଲିସ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନା ନେଇଥିଲା । ଘଟଣାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି । ଅନ୍ୟପଟେ ପରିବାରର ରୋଜଗାରିଆ ପୁଅକୁ ହରାଇ ନ୍ୟାୟ ଅପେକ୍ଷାରେ ବାପା ମାଆ ଓ ଗ୍ରାମବାସୀ ।

ରାୟପୁର-ବିଶାଖାପାଟଣା ଆର୍ଥିକ କରିଡୋର ଓଡିଶାର ଆଂଚଳିକ ଉନ୍ନତିକୁ ତ୍ୱରାନ୍ୱିତ କରିବ

ଜୟପୁର,୧୩/୨(ନି/ପ): ଗ୍ରିନଫିଲ୍ଡ ଆକ୍ସେସ୍-କଣ୍ଟ୍ରୋଲ୍ଡ ଇଷ୍ଟ କୋଷ୍ଟ ରାୟପୁର ଠାରୁ ବିଶାଖାପାଟନମ ଆର୍ଥିକ କରିଡୋର ଓଡ଼ିଶାରେ ସଂଯୋଗତା ଓ ଆଂଚଳିକ ଉନ୍ନତିକୁ ତ୍ୱରାନ୍ୱିତ କରିବ । ଭାରତ ସରକାରଙ୍କ ରୋଡ ଟ୍ରାନ୍ସପୋର୍ଟ ଏଣ୍ଡ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଅଧୀନରେ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦ୍ୱାରା ଭାରତମାଳା ପରିଯୋଜନା ଅନ୍ତର୍ଗତ ଦେଶର ସବୁଠାରୁ ପ୍ରତିଷ୍ଠିତ ହାଇଡ୍ରେ ଡାଟାଂସତ ପ୍ରକଳ୍ପମାନଙ୍କ ମଧ୍ୟରୁ ଗୋଟିଏ ଇଷ୍ଟ-କୋଷ୍ଟ, ଗ୍ରିନଫିଲ୍ଡ, ଆକ୍ସେସ୍-କଣ୍ଟ୍ରୋଲ୍ଡ ରାୟପୁର-ବିଶାଖାପଟନମ ଆର୍ଥିକ କରିଡୋର ନିର୍ମାଣ କରାଯାଉଛି।ପ୍ରାୟ ୪୬୫ କି.ମି. ଲମ୍ବା ଏହି କରିଡୋର ଛତିଶଗଡ଼, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ରାଜ୍ୟ ମାଧ୍ୟମରେ ରାୟପୁର ନିକଟସ୍ଥ ଅଭନପୁର ଠାରୁ ବିଶାଖାପଟନମ ନିକଟସ୍ଥ ସବ୍ଦାବରମ ପର୍ଯ୍ୟନ୍ତ ସଂଯୋଗ ସୃଷ୍ଟି କରିବ। ପ୍ରାୟ ୧୬ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଉଛି ଆଂଚଳିକ ଯାତାୟାତ ଓ ମାଲବାହନକୁ ଦ୍ରୁତ,ସହଜ ଓ କ୍ଷମତାଶାଳୀ କରିବା।ପୂର୍ବଘାଟ ପର୍ବତମାଳା ପରି କଠିନ ଭୂପୃଷ୍ଠ ଅଂଚଳ ମାଧ୍ୟମରେ ଯାଉଥିବା ଏହି କରିଡୋରକୁ ସମତଳ ଅଂଚଳରେ ଘଟାଂ ପ୍ରତି ୧୦୦ କି.ମି. ଓ ପାହାଡ଼ିଆ ଅଂଚଳରେ ଘଟାଂ ପ୍ରତି ୮୦ କି.ମି. ଗତି ପାଇଁ ଡିଜାଇନ୍ କରାଯାଇଛି, ଯାହା ସର୍ବାଧିକ ସଂଯୋଗତା ଓ ଆର୍ଥିକ କାର୍ଯ୍ୟକଳାପକୁ ଉନ୍ନତ କରିବ।ଏହି କରିଡୋର ଛତିଶଗଡ଼ର ରାୟପୁର,ଧମତରୀ ଓ ଜାଞ୍ଜେର, ଓଡ଼ିଶାର ନବରଙ୍ଗପୁର ଓ କୋରାପୁଟ ଏବଂ ଆନ୍ଧ୍ରପ୍ରଦେଶର ବିଜୟନଗରମ ଓ ବିଶାଖାପାଟଣା ଜିଲ୍ଲା ଦେଇ ଯାଉଛି। ପ୍ରକଳ୍ପ ସମାପ୍ତି ପରେ, ବର୍ତ୍ତମାନର ୫୯୪ କି.ମି. ରାୟପୁର-ବିଶାଖାପଟନମ ଯାତ୍ରା ଦୂରତା ପ୍ରାୟ ୭୦ କି.ମି. କମିବ ଏବଂ ଯାତ୍ରା ସମୟ ୧୪ ଘଣ୍ଟା ଠାରୁ କମି ୫-୬ ଘଣ୍ଟା ହେବ, ଯାହା ଯାତ୍ରୀ ଓ ଭାରୀ ମାଲବାହୀ ଯାନ ପାଇଁ ବଡ଼ ସୁବିଧା ଆଣିବ।ଏହି ପ୍ରକଳ୍ପକୁ ହାଇବ୍ରିଡ୍ ଆନ୍ୟୁଇଟି ମଡେଲ ଅଧୀନରେ ୧୫ଟି ପ୍ୟାକେଜ୍ ଭାଗରେ ନିର୍ମାଣ କରାଯାଉଛି ,ତନ୍ମଧ୍ୟରୁ ଛତିଶଗଡ଼ରେ ୩ଟି, ଓଡ଼ିଶାରେ ୮ଟି ଓ ଆନ୍ଧ୍ରପ୍ରଦେଶରେ ୪ଟି ପ୍ୟାକେଜ୍ ରହିଛି। ଏହାସହିତ ମୋଟ ୩ଟି ଟନେଲ୍ (ଛତିଶଗଡ଼ରେ ୧ଟି ଓ ଓଡ଼ିଶାରେ ୨ଟି) ନିର୍ମାଣ ହେଉଛି। ସମସ୍ତ ପ୍ୟାକେଜ୍‌ର କାମ ଉନ୍ନତ ପର୍ଯ୍ୟାୟରେ ଅଛି ଏବଂ ଓଡ଼ିଶା ଅଂଶ ଜୁନ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରହିଛି।କୋରାପୁଟ ଜିଲ୍ଲାରେ ୭ଟି ଇଂଟରଚେଞ୍ଜ (ପ୍ରବେଶ/ପ୍ରସ୍ଥାନ ସ୍ଥାନ) ରହିଛି।ସ୍ଥାନୀୟ ସଂଯୋଗତାକୁ ସୁଦୃଢ଼ କରିବା ପାଇଁ କୋରାପୁଟ ଜିଲ୍ଲାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ୭ଟି ଲ[ରେଚେଞ୍ଜ ପ୍ରସ୍ତାବିତ ୧.କି.ମି.୨୪୭.୭ ନିଜଟରେ, ବୋରିସୁଣ୍ଡା ତହସିଲ୍ ଅନ୍ତର୍ଗତ ଜାଳିଆସୁରା ଗ୍ରାମ — ଏନଏଚ୨୬ ସହିତ ସଂଯୋଗ୨.କି.ମି. ୨୬୦.୪ନିଜଟରେ, ବୋରିସୁଣ୍ଡା ତହସିଲ୍ ଅନ୍ତର୍ଗତ ଦେବାସୁର ଗ୍ରାମ — ମେଜର ଡିଷ୍ଟ୍ରିକ୍ଟ ରୋଡ ସହିତ ସଂଯୋଗ୩.କି.ମି.୨୯୦.୨ ନିଜଟରେ, କୋରାପୁଟ ତହସିଲ୍ ଅନ୍ତର୍ଗତ ଡାଳା ଗ୍ରାମ —ଏନଏଚ ୩୨୬ ସହିତ ସଂଯୋଗ୪. କି.ମି.୩୧୦.୬ ନିଜଟରେ, ସେମିଲିଗୁଡ଼ା ତହସିଲ୍ ଅନ୍ତର୍ଗତ ନାଲଙ୍କୋ ଛକ ନିକଟସ୍ଥ ଲୁଙ୍ଗୁରୀ ଗ୍ରାମ —ଏନଏଚ୨୬ ସହିତ ସଂଯୋଗ୫.କି.ମି.୩୧୯.୫ ନିଜଟରେ, ସେମିଲିଗୁଡ଼ା ତହସିଲ୍ ଅନ୍ତର୍ଗତ କୁଣ୍ଡୁଳିଗ୍ରାମ —ଏନଏଚ ୨୬ ସହିତ ସଂଯୋଗ୬. କି.ମି.୩୩୭.୧ ନିଜଟରେ, ପଟ୍ଟାଙ୍ଗୀ ତହସିଲ୍ ଅନ୍ତର୍ଗତ ବଗାଡା ଗ୍ରାମ —ମେଜର ଡିଷ୍ଟ୍ରିକ୍ଟ ରୋଡ ସହିତ ସଂଯୋଗ.. କି.ମି. ୩୫୨.୮ ନିଜଟରେ, ପଟ୍ଟାଙ୍ଗୀ ତହସିଲ୍ ଅନ୍ତର୍ଗତ ଆମ୍ବାବାଲି ନିଜଟସ୍ଥ ତଳଗୋଲାର ଗ୍ରାମ —ମେଜର ଡିଷ୍ଟ୍ରିକ୍ଟ ରୋଡସହିତ ସଂଯୋଗ।ଏହି ଇଂଟରଚେଞ୍ଜଗୁଡ଼ିକ ଦ୍ୱାରା ସ୍ଥାନୀୟ ଯାତାୟାତ ସୁଗମ ହେବ ଏବଂ ନିକଟସ୍ଥ ଗାଁ ଓ ସହରମାନଙ୍କ ସହିତ କରିଡୋରର ସଂଯୋଗ ଅଧିକ ମଜବୁତ ହେବ। ଓଡ଼ି ୦୭ ପ୍ୟାକେଜ୍ (କୋରାପୁଟ)ଏହି ଛୋଟ ଅଂଶ କରିଡୋରର ନିବେଦିତ ସଂଯୋଗ ଓ ସତତାକୁ ସୁନିଶ୍ଚିତ କରେ। ଏଠାରେ ଓଡ଼ିଶାର ପ୍ରଥମ ଛଅ-ଲେନ୍ ଟ୍ୱିନ୍-ସେଲ୍ ହାଇଡ୍ରେ ଟନେଲ୍(ଗା.୪୨ କି.ମି.) ନିର୍ମିତ ହୋଇଛି। ଟନେଲ୍‌ରେ କ୍ରସ୍ ପାସେଜ୍, କେଟ୍‌ପ୍ୟାନ୍, ଆଧୁନିକ ଅଗ୍ନିନିର୍ବାପକ ପ୍ରଣାଳୀ ଏବଂ ଦୁଇ ପାର୍ଶ୍ୱରେ କଣ୍ଟ୍ରୋଲ୍ ସେଟଂସ ରହିଛି, ଯାହା ସୁରକ୍ଷିତ ଓ ସୁଗୁଡ଼ା ଯାତାୟାତ ସୁନିଶ୍ଚିତ କରେ।

ଅତାସାହୀ ପାଟଣା ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦୁଝର,୧୩/୨(ନି/ପ): ଘଷିପୁରା ବ୍ଲକ ଅନ୍ତର୍ଗତ ଅତାସାହିପାଟଣା ସ୍ଥିତ ଅଲେଖ ମହିମା ଉଚ୍ଚପ୍ରାଥମିକ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ କୁମାର ସାହୁଙ୍କ ସଭାପତିତ୍ୱରେ ରେ ମୁଖ୍ୟ ଅତିଥି ଭାବେ ପସିପୁରା ବିଇଓ ସତ୍ୟସ୍ନାତ ପଣ୍ଡା, ମୁଖ୍ୟବକ୍ତା ଭାବେ ପୂର୍ବତନ ସୋଷ୍ଟୀ ଶିକ୍ଷାଧିକାରୀ ଆନନ୍ଦପୁର ଶରତକୁମାର ରାଉତ,ସମ୍ମାନିତ ଅତିଥି ଭାବେ ସିଆରସିସି ଅଶୋକ କୁମାର ବାରିକ, ସହକାରୀ ଶିକ୍ଷକ ମାଧବାନନ୍ଦ ପଣ୍ଡା,ଦିଲ୍ଲିପ ଭୂୟାଁ, ଶୁଭବେଦ ନାୟକ ଯୋଗଦେଇ ମୂଲ୍ୟବୋଧ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା ସାହୁ ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ବରିଷ୍ଠ ଶିକ୍ଷକ ଶୁଭବେଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର କ୍ରିଡ଼ା ପ୍ରତିଯୋଗୀତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ଆଦିବାସୀ ସାହିତ୍ୟ ଓ ସଂସ୍କୃତି ଶୀର୍ଷକ ଜାତୀୟ ସେମିନାର ଉଦଘାଟିତ

ଜୟପୁର,୧୩/୨(ନି/ପ): ଓଡ଼ିଶା ୬୪ଟି ଜନଜାତି ଗୋଷ୍ଠୀର ବାସସ୍ଥଳୀ । ସେମାନଙ୍କର ନିଜସ୍ୱ ଭାଷା, ସଂସ୍କୃତି ଓ ମୌଖିକ ସାହିତ୍ୟର ଗଭୀରତା ରହିଥିଲେ ମଧ୍ୟ ତଥିରେ ସମାନତା ବିଦ୍ୟମାନ । ପ୍ରକୃତି ଭୌତିକତା, ସମୂହ ଚେତନା, ପିତୃପୁରୁଷଙ୍କ ନିରନ୍ତର ପ୍ରେରଣା ଓ ନାରୀ ପ୍ରଧାନତା ସେମାନଙ୍କ ଜୀବନଧାରାର ବିଶେଷତ୍ୱ । ସେମାନଙ୍କ ସଂସ୍କୃତି ଭାରତୀୟ ଜ୍ଞାନ ପରମ୍ପରାର ବିଶିଷ୍ଟ ଅଙ୍ଗ । ହଜାରହଜାର ବର୍ଷ ଧରି ସେମାନେ ନିଜେ ଐତିହ୍ୟ ଓ ସଂସ୍କୃତି ଅଙ୍ଗେଜିଇଲା ଚାଲିଛନ୍ତି ସିନା ଜଣାନି ନାହିଁ । ବର୍ତମାନ ଜନଜାତି ବର୍ଗର ଶିକ୍ଷିତମାନେ ଆପଣା ଐତିହ୍ୟର ମହନୀୟତା ପ୍ରତିପାଦନ କରିବାର ମାହେନ୍ଦ୍ର ମୁହୂର୍ତ ଉପନୀତ । ଆଜି ପୂର୍ବାହ୍ଣରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ 'ଓଡ଼ିଶାର ଆଦିବାସୀ ସାହିତ୍ୟ ଓ ସଂସ୍କୃତି' ଶୀର୍ଷକ ଏକ ଦୁଇଦିନିଆ ଜାତୀୟ ସେମିନାରର ଉଦଘାଟନ ପର୍ବରେ ଯୋଗଦେଇ ବିଶିଷ୍ଟ ଜନଜାତି ଗବେଷକମାନେ ଏହି ମତ ପୋଷଣ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ନରସିଂହ ଚରଣ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ

ବିବିଧା

ରାଶି ଫଳ

ମେଷ: ଅନ୍ୟମାନଙ୍କ ଭିତରେ ଭଲସା ଜାଗନ୍ତୁଛି । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ସୈନିକର ସହ କାମ କରନ୍ତୁ । ଅଚାନକ ଖୁସି ଖବର ପାଇବେ । ମାନସମ୍ମାନ ବୃଦ୍ଧି ପାଇବ । ବ୍ୟାଧିରୁଗ୍ନରେ ଉନ୍ନତି ଦେଖିବେ ।

ବୃଷ: ଅତୀତ ଅତୀତ ହୋଇ ଯାଇଛି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ଦିନଟେଣ ଯାତ୍ରା କରିପାରନ୍ତି । ଆଜିଠାରୁ କର୍ମଚାରୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ । ପରାମାର୍ଶରେ ଖେଳୁଛନ୍ତେ ସମ୍ମାନଅବହାରେ ଜଡ଼ିବେ ।

ମିଥୁନ: ସୁନାମ୍ବାଦ ମିଳିପାରେ । ଧାରଣାପ୍ରତି ମୋହ ରହିଛି । ପ୍ରତ୍ୟେକ କ୍ଷେତ୍ରରେ ମାନମର୍ଯ୍ୟାଦ ଓ ପ୍ରଶଂସିତ ହେବେ । ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ । ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ ।

କର୍କଟ: ଦାନ୍ତପୀଡ଼ାରେ ଭୋଗିବେ ରହେବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ନିଜର ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦିତ । ଅତିଥି ସତ୍କାର କରିପାରନ୍ତି । ଦୂରଯାତ୍ରା ଯାତ୍ରା ଯୋଗ ରହିଛି । ଆତ୍ମସନ୍ତୁଷ୍ଟି ସମସ୍ତଙ୍କୁ ଦେଖାଦେବ ଯାଇପାରେ ।

ସିଂହ: ଭାଗ୍ୟକାରୀ ଅଭିଳାଷ ରହିବ । ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ । ଶତ୍ରୁଭୟ ଉପରେ ବିଜୟଲାଭ କରିପାରିବେ । ଚରକରିଆ ଭାବେ ଚେଷ୍ଟାକରି ନିଜକୁ ନାହିଁ । ଅତିରିକ୍ତ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ ।

କନ୍ୟା: ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବ୍ୟାପାରିରୁଡ଼ ନେଇ ଚିନ୍ତିତ ହୁଅନ୍ତୁନି । ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ବିନମ୍ରତାର ବଂଶ ରହିବା ଭାରତରୁ ଅବ୍ଦାପଣ ଅନୁଭବ କରିବେ ।

ତୁଳା: ଘର ମାହୋଲ ଶାନ୍ତିପୂର୍ଣ୍ଣ ରହିବ । କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି । ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ । ସରକାରି ଚାକିରିଆଙ୍କ ପାଇଁ ଦିନଟି ବହୁତ ଭଲ । ଧାନ ଧର୍ମ କରିବେ ।

ବିଛା: ଦିନଟା ଶାନ୍ତିମୟ ଦିନ ଦ୍ୟାନିସରେ ଅଧିକ ପୁରୁତ୍ୱ ଦେବା ଦରକାର । ଆତ୍ମୟ ଓ ଚିନ୍ତାରେ ଦିନଟି ବିତିବ । ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଧାନ ଧର୍ମ କରନ୍ତୁ ।

ଧନୁ: କର୍ମକ୍ଷେତ୍ରରେ ପ୍ରତିକୂଳତା ଜଡ଼ିବ । ମାନସିକ ଚାପ ଦେଖାଦେବ । ଅଧିକ ବ୍ୟୟ ହେବ । ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ ।

କୁମ୍ଭ: ନିଜସ୍ୱିତିକି ଅନୁକୂଳ ଜାମା ଜଡ଼ନ୍ତୁ । ମାନକୁ ଆଘାତଲାଗେ ନାହିଁ ଭଲ । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ମଣିଷମାନେ ସ୍ୱାସ୍ଥ୍ୟ ପ୍ରତି ସତର୍କତା ରଖେବେ । ଘରେ ସମ୍ପୃତ୍ତିରେ ସମସ୍ୟା ଦେଖାଦେଇପାରେ ।

ମୀନ: କର୍ମକ୍ଷେତ୍ରରେ ଭାରିତିରିକ୍ତ ଚିନ୍ତାରେ ନିଅନ୍ତୁ । ସ୍ୱାସ୍ଥ୍ୟ ସମ୍ପର୍କୀୟ ପୁରୁଣା ସମସ୍ୟା ଦେଖାଦେଇପାରେ । ପ୍ରେମ ବ୍ୟାପାରରେ ଦିନଟି ଭଲରେ ବିତିବ । ସାବଧାନତା ସହିତ କାର୍ଯ୍ୟ କରନ୍ତୁ । ଲୋକ ସମ୍ପର୍କ ବଢ଼ିବ ।

ଆଜିର ଇତିହାସ

- ୧୯୭୦- ଦ୍ୱିତୀୟଥର ମିଳିତ ଜାତିସଂଘର ସଦସ୍ୟ ହେଲା ।
- ୧୯୫୫- ମିଗାଲ ପାଇଁ ବାର୍ଡ ଜଜ୍ ବିଲ୍ଡ ଆସର ଆରମ୍ଭ ହୋଇଥିଲା ।
- ୧୯୬୬-ଯୋଧପୁର ସଂଘର୍ଷ ପୂର୍ବ କଳାଖଣ୍ଡାରେ ପରମାଣୁ ପରୀକ୍ଷା କରିଥିଲା ।
- ୧୯୯୧- ଆମେରିକା ଇରାକ୍ ଉପରେ ବୋମା ବିସ୍ଫୋରଣ କରିବାରୁ ବଂଶୀର ଲୋକଙ୍କ ପ୍ରାଣହାନି ।
- ୨୦୦୩- ଶଣ୍ଡ ଟୋପ୍ରାଙ୍କୁ ଦାବା ସାଥେକ ପୁରସ୍କାରରେ ସମ୍ମାନିତ କରାଯାଇଲା ।

ଆଜି ଆସିଥିଲେ

ଭାରତର ବୁଲ୍‌ବୁଲ୍

ସରୋଜିନୀ ନାଇଡୁ ଜଣେ କବିତ୍ୱବାଣୀ ସାଧାରଣ ସଂଗ୍ରାମୀ, ଜଣେ ଏଙ୍ଗ ଲାଇନରେ ଥିଲେ । ଭାରତର ସ୍ୱାଧୀନତା ଆନ୍ଦୋଳନ ଏବଂ ସାହିତ୍ୟ କ୍ଷେତ୍ରକୁ ତାଙ୍କର ଯଥେଷ୍ଟ ଅବଦାନ ରହିଛି । ଏ ମାତାଙ୍କୁ ଆମେମାନେ ଅଜ୍ଞ ଭାରତୀୟ ନାମରେ ପ୍ରସିଦ୍ଧି ଅର୍ଜନ କରିଥିବା ସରୋଜିନୀ ନାଇଡୁ ଏକାଧାରରେ ଥିଲେ ଜଣେ କବି, ନାରୀନେତ୍ରୀ, ବାଗ୍ମୀ ଓ ସୁବକ୍ତା ।

କବିତା ରଚନାରୁଚିରେ ଏବଂ କବିତା ଆବୃତ୍ତିର ମାଧ୍ୟମରେ ସରଳ ଭାଷାରେ ଲେଖିବାରେ ତାଙ୍କ ଜନ୍ମ ଦିନ ଟେଗୋରଙ୍କ ପରି ଭାରତରେ ପାଳନ କରାଯାଉଥାଏ । ସରୋଜିନୀ ନାଇଡୁଙ୍କ ଜନ୍ମ ୩ ଫେବ୍ରୁୟାରୀ ୧୮୭୯ ମସିହା ଆଜିର ଦିନ ଭାରତର ହାଇଦ୍ରାବାଦରେ ଏକ ବଙ୍ଗାଳୀ ପରିବାରରେ ହୋଇଥିଲା । ତାଙ୍କ ପିତାଙ୍କ ନାମ ଥିଲା ଅଘୋରନାଥ ଚଟୋପାଧ୍ୟାୟ । ତାଙ୍କ ପିତା ହାଇଦ୍ରାବାଦର ନିଜାମ କଲେଜରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ । ସରୋଜିନୀଙ୍କ ମାତାଙ୍କ ନାମ ବରଦା ସୁନ୍ଦରୀ । ସେ ଗଣିତ ଓ ବିଜ୍ଞାନରେ ପାରଙ୍গମ ଥିଲେ । ସେ ବଙ୍ଗଳା ଭାଷାରେ କବିତା ଲେଖୁଥିଲେ । ତାଙ୍କ ପରିବାରରେ ସେ ଅଷ୍ଟମ ସନ୍ତାନ ଥିଲେ । ସେ ବଙ୍ଗଳା ଭାଷାରେ ଲେଖା ଲେଖି ଇଂରାଜୀ ଭାଷାରେ ଅନୁବାଦ କରିଥିଲେ । ସେ ପ୍ରଥମ ମହିଳା ବଙ୍ଗଳା ଭାଷାରେ ସଂଗ୍ରହର ସଭାପତି ଭାବରେ କାର୍ଯ୍ୟ କରିଥିଲେ । ଏହାବ୍ୟତୀତ ଆଜିକ ଅମ୍ବାନ୍ୟ ଆନ୍ଦୋଳନ ଓ ଭାରତ ଛାଡ଼ ଆନ୍ଦୋଳନ ସମୟରେ ଗିରଫ ହୋଇ ଜେଲ୍ ମଧ୍ୟ ଯାଇଥିଲେ । ୧୯୩୩ ମସିହାରେ ସରୋଜିନୀ ମହାଗୁ ଭାରତ ଓ ମାନବ ମୋହନ ମାଳବ୍ୟଙ୍କ ସହ ଲଣ୍ଡନରେ ଆନ୍ଦୋଳନ ଦ୍ୱିତୀୟ ଗୋଲମେଜସ୍ଟୁଲ ବୈଠକରେ ମଧ୍ୟ ଯୋଗଦାନ କରିଥିଲେ । ସେ ପ୍ରଥମ ମହିଳା ରାଜ୍ୟପାଳ ଭାବେ ଭାରତ ପ୍ରଦେଶର ସାଧିନତା ସୁଧାଇ କରିଥିଲେ । ସ୍ୱାଧୀନତା ଆନ୍ଦୋଳନ ପାଇଁ ସେ ଜେଲ୍‌ଯାତ୍ରା ଦିବେଶ ଯାତ୍ରା କରିଥିଲେ । ସେ ୧୯୪୯ ମସିହା ମାର୍ଚ୍ଚ ୨ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ଉଚ୍ଚ ଶିକ୍ଷା ଲାଗି ୧୬ ବର୍ଷ ବୟସରେ ସେ ବିଲାତ ଯାତ୍ରା କରିଥିଲେ । ପରେ ସେ ଲଣ୍ଡନ ଓ ଗ୍ଲାସ୍‌ଗୋ କଲେଜରେ ଅଧ୍ୟୟନ ଜାରି ରଖିଥିଲେ । ତାଙ୍କର ଇଚ୍ଛା ଥିଲେ ଡାକ୍ତର ହୋଇ ଭାରତ ଫେରି ଜନସେବା କରିବେ । ସେ ଗଣ୍ଡାରା ଭାଷାରେ ସୁନ୍ଦର କବିତା ଲେଖୁଥିଲେ । ଆଠ ବାଇଶରେ ସେ ଗୋଲ୍ଡେନ୍ ଥ୍ରେଶ୍ ନାମରେ ପ୍ରସିଦ୍ଧି ଅର୍ଜନ କରିଥିଲେ । ସରୋଜିନୀ ନାଇଡୁ ଜଣେ ଦକ୍ଷ ବକ୍ତା ଥିଲେ । ସେ ଗୋଖଲେ ଓ ଗାନ୍ଧିଙ୍କ ସ୍ନେହ ଓ ଆଶୀର୍ବାଦ ପାଇଥିଲେ । ସରୋଜିନୀ ଥିଲେ ସବୁଠାରୁ ଦକ୍ଷ । ମାତ୍ର ଦାରଦର୍ଶି ବକ୍ତାରରେ ସେ ମାନ୍ଚେଷ୍ଟାରକେଲେଜ ପରୀକ୍ଷାରେ ମାନ୍ତ୍ରୀସ ବିଶ୍ୱବିଦ୍ୟାଳୟରେ ପ୍ରଶଂସାନ୍ତ ଅଧ୍ୟାପକ ଜଣେ ସମସ୍ତଙ୍କୁ ବର୍ଣ୍ଣନ କରିଥିଲେଥିଲେ । ସେ ଇଂରାଜୀ ଜଣିବା ଜଣେ ଶ୍ରେଷ୍ଠ ଲେଖିକା ଥିଲେ । ସାରଲାକିନ୍ତୁ ଇଂରାଜୀ ଜଣିବାରେ ମୁଗ୍ଧ ହୋଇ ଲାଇଡ୍‌ବାଦରର ନିଜାମ ତାଙ୍କୁ ବିଦେଶରେ ପଢ଼ିବାପାଇଁ ଛାତ୍ରବୃତ୍ତି ପ୍ରଦାନ କରିଥିଲେ । ଦେଖେ ବର୍ଷ ବୟସରେ ପ୍ରାୟ ଛଅ ଦିନ ମଧ୍ୟରେ ସେ ଏ୍ୟାଡ଼ ପ୍ରଥମେ 'ଗଲିଡି ଅଫ ଲେଡ଼' ନାମକ ଦୀର୍ଘ କବିତା ରଚନା କରିଥିଲେ । ଏହାଛଡ଼ା ଦୁଇ ଜଣ ଭାଇ ଧାରିନ ଏବ ନାଗଟ ମଧ୍ୟ ରେଖିଥିଲେ ।

ଅଗଷ୍ଟ ୧୩ରେ 'ଲାହୋର ୧୯୪୭'

ବିଲବର୍ଗର ଆନ୍ଦ୍ରେ ଷ୍ଟାର୍ସ ସମ୍ମି ଦେଖଲାଙ୍କ ଫିଲ୍ମ 'ଦର୍ଜର୍ସ ୨' ବହୁ ଅପେକ୍ଷିତ ହିଟ୍ ସାବ୍ୟସ୍ତ ହୋଇଛି । ଏବେ ଦର୍ଶକେ ଜାଙ୍ଗର ଆଗାମୀ ଫିଲ୍ମ 'ଲାହୋର ୧୯୪୭' ଦ୍ୱାରା ଦେଖା ଦେଇଛନ୍ତି । ଜଳିମୟରେ ଏହାର ରିଲିଜ୍ ଡେଟ୍ ସାମ୍ନାକୁ ଆସିଛି । ଏହା ଆକ୍ରାନ୍ତ ଅଗଷ୍ଟ ୧୩ରେ ରିଲିଜ୍ ହେବ । ଏଥିରେ ସନ୍ନିଦ୍ଦ ସହ ସବାନା ଆଜମୀ, ପ୍ରତି ଚିନ୍ତା, କରନ୍ ଦେଓଲ ରିଲ୍ ରୋଲରେ ନଜର आସିବେ । ଅମିତ୍ ସାନ୍ଦ୍ ମଧ୍ୟ ଏଥିରେ ଅତିଥି କଳାକାର ଭାବେ ଦେଖାଯିବେ । ଏହାର ସଙ୍ଗୀତ ନିର୍ଦ୍ଦେଶନା ଏ ଆର୍ ରେହମାନ୍ ଦେଇଥିବାବେଳେ ଜାରେଦ ଅଖ୍ତର ଗୀତ ଲେଖିଛନ୍ତି । ଫିଲ୍ମର କାହାଣୀ ୧୯୪୭ ଭାରତ ବିଭାଜନ ପୃଷ୍ଠଭୂମି ଉପରେ ଆଧାରିତ । ରାଜକୁମାର ସନ୍ତୋଷୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଯଦି ଅଜିଜ ପିଲ୍ମ ଏହିବି ନିଲିଜ୍ ହେବେ ତାଙ୍କୁ ଦୁଇ ଜଣ ଆଗାଧାରିଙ୍କର ଭଦ୍ୟାଭାଷାରେ ଦ୍ୟା ଟଷ୍ଟର ଦେବାକୁ ହେବ । ସଲମାନ୍‌ଙ୍କ ଫିଲ୍ମ 'ବ୍ୟାଟଲ୍ ଅଫ ଗାଲୱାନ୍' ଏପ୍ରିଲ୍ ୨୩ ରେ ରିଲିଜ୍ ହେବାର ଥିଲା । ଫିଲ୍ମ ଛିଡ଼ି ଜିନ୍ ରିଶୁଟ୍ କରାଯିବାରୁ ଏବେ ଏହି ଫିଲ୍ମ ୧୫ ଅଗଷ୍ଟରେ ରିଲିଜ୍ ହେବ । ଅପରପକ୍ଷରେ କାର୍ତ୍ତିକ୍ ଆର୍ଯ୍ୟନ୍‌ଙ୍କ ଫିଲ୍ମ 'ନାଗଜିଲା' ମଧ୍ୟ ଅଗଷ୍ଟରେ ରିଲିଜ୍ ହେବ । ଏହି ତୁଟିଟି ଫିଲ୍ମ ଏବେ 'ଲାହୋର ୧୯୪୭' କୁ ବକ୍ସ ଅଫିସ ଟଷ୍ଟର ଦେବେ । ସନ୍ନି, ସଲମାନ୍ ନା କାର୍ତ୍ତିକ୍ ହିଁ ଦର୍ଶକଙ୍କ ହୃଦୟ ଜିତିବେ ତାହା ଦେଖିବାକୁ ବାକି ରହିଲା ।

ବିଶ୍ୱ ରେଡିଓ ଦିବସ

ଆଜି ବିଶ୍ୱ ରେଡିଓ ଦିବସ । ଜାତିସଂଘ ଆନୁକୂଲ୍ୟରେ ପ୍ରତିବର୍ଷ ଫେବୃଆରୀ ୧୩ ତାରିଖରେ ଏହି ଦିବସ ପାଳନ କରାଯାଏ । ଆଜିର ଡିଜିଟାଲ ଜମାନାରେ ବି ଜମିଜି ରେଡିଓର ଗୁରୁତ୍ୱ । ଆଜି ବି ବିଭିନ୍ନ ଦେଶମାନଙ୍କର ଜନତା, ଚାଷୀ, ଗାଡ଼ିରେ ଶ୍ରୋତାଙ୍କୁ ମନୋରଞ୍ଜନର ଖୁରାକ ଯୋଗାଉଛି ରେଡିଓ । ଦ୍ରୁତଏଆୟ ସେମୁହୁଦ୍ ଜମାନାରେ ବିଶ୍ୱ ଗଣମାଧ୍ୟମର ସବୁଠାରୁ ନିର୍ଭରଯୋଗ୍ୟ ଓ ବହୁତ ବ୍ୟବହୃତ ମାଧ୍ୟମ ହେଉଛି ରେଡିଓ । ରେଡିଓ ଯାହା କହୁଛି ତାହା ସତ୍ୟ ଏବଂ ସାଧାରଣରେ ବିଶ୍ୱାସ ରଖିଛି । ଅନେକ ଯାଗା, ଅନୁଧ୍ୟାନ ଓ ନିରୀକ୍ଷଣ ପରେ ରେଡିଓ ଖବର ପରିବେଷଣ କଲୁଥିବାରୁ ତା'ର ବିଶ୍ୱସନୀୟତା ଏପରିବ ବଢ଼ାଇ ଦେଇଛି । ଗୁରୁତ୍ୱପୂର୍ଣ୍ଣ ଜଣାଣି ଥିଲା, ବିଜା ବିଜୁଳିରେ ଚାଲୁଛନ୍ତିବା ଯୋଗୁଁ ଏହାର ଲୋକପ୍ରିୟତା ଆଜିବି ରହିଛି । ଶ୍ରୋତାଙ୍କ ଦୃଷ୍ଟିରେ ଶୁଦ୍ଧାଚାରୀ ଅଧିକ ଏହାର ଧାରାଧରିଧାରା କରି ଲାହିଥିବା ରେଡିଓ ଲଙ୍କଦର୍ଶନ ପ୍ରାୟୋଜ୍ୟରେ ଦଖଲକରିଛି । ଯୁଦ୍ଧରେ ପରାଜୟ ହେବି ଯାଇଁ ରାଖିବା ରେଡି ସମ୍ପର୍ଣ୍ଣ ଖାଲି ହୋଇ ପଡ଼ିଛି ଏହା ନିଜସ୍ୱରେ । ଖାସ୍ ସେଇପ୍ରକାର ରେଡିଓ ଶବ୍ଦ ଜାଳାଣ ହେବା ମାତ୍ରକେ ଜଣେ ଶ୍ରୋତା ପାଖଛାଡ଼ା ଏ ଭିନ୍ନ ଏକ ଦୁନିଆରେ, ଯେଉଁଠି ଆଏ ଏ ଜାଳା ଖବରଠାରୁ ଆରମ୍ଭ କରି ମନୋରଞ୍ଜନ, ଗଣ୍ଡେଚକନ କରି ବହୁବିଧ କାର୍ଯ୍ୟକ୍ରମ । ସମାଜର ବିକାଶ ଦିଗରେ ରେଡିଓର ଅନୁକରଣୀୟ ଭୂମିକାକୁ ମାନ୍ୟତା ପ୍ରଦାନକରି ମାନ ରଖିବା ପାଇଁ ରେଡିଓ ଦିବସ ପାଳନ କରାଯାଉଛି । ରେଡିଓକୁ ଯୋଗାଯୋଗ ମାଧ୍ୟମ ଭାବେ ଲୋକଙ୍କର ନିକଟତର ହେଇପାରିଛି । ରେଡିଓର ଯାତ୍ରା ବହୁତ ଅଜାନାଦୀ ଓ ଲମ୍ବା । ଉଷ୍ଣ ଉଷ୍ଣାମ ପ୍ରଚାର ଓ ନୂଆ ଅନୁଷ୍ଠାନ ମଧ୍ୟରେ ରେଡିଓ ଦୀର୍ଘ ଯାତ୍ରା ଜାରି ରଖିଛି ।

ଆଜିର ଇତିହାସ

- ୧୯୭୦- ଦ୍ୱିତୀୟଥର ମିଳିତ ଜାତିସଂଘର ସଦସ୍ୟ ହେଲା ।
- ୧୯୫୫- ମିଗାଲ ପାଇଁ ବାର୍ଡ ଜଜ୍ ବିଲ୍ଡ ଆସର ଆରମ୍ଭ ହୋଇଥିଲା ।
- ୧୯୬୬-ଯୋଧପୁର ସଂଘର୍ଷ ପୂର୍ବ କଳାଖଣ୍ଡାରେ ପରମାଣୁ ପରୀକ୍ଷା କରିଥିଲା ।
- ୧୯୯୧- ଆମେରିକା ଇରାକ୍ ଉପରେ ବୋମା ବିସ୍ଫୋରଣ କରିବାରୁ ବଂଶୀର ଲୋକଙ୍କ ପ୍ରାଣହାନି ।
- ୨୦୦୩- ଶଣ୍ଡ ଟୋପ୍ରାଙ୍କୁ ଦାବା ସାଥେକ ପୁରସ୍କାରରେ ସମ୍ମାନିତ କରାଯାଇଲା ।

ସଞ୍ଜୀବନୀ

ଓଜିଟିଟି

ଆଜିକାଲି ଘରେ ଘରେ ମଧୁମେହ ରୋଗୀ । ମଧୁମେହ ଚିହ୍ନଟ ପାଇଁ ସାଧାରଣତଃ HbA1c ପରୀକ୍ଷା କରାଯାଏ । ଏହି ପରୀକ୍ଷାରୁ ତିନିମାସର ରକ୍ତ ଶର୍କରାର ପରିମାଣ ଜଣାଯାଏ । ଏବେ ଓ୍ୱାଏସି ପରି ଓ ଜିଟିଟି (OGTT) ଆଉ ଏକ ଷ୍ଟିକି ଟେଷ୍ଟ । ଓଜିଟିଟି ବା ଓରାଲ ଗ୍ଲୁକୋଜ ଟଲେରେନ୍ସ ପରୀକ୍ଷାରୁ ଶରୀରର ଗ୍ଲୁକୋଜ ଗ୍ରହଣ କରିବାର କ୍ଷମତା ତିନିମାସର ଥିର କଳା ପଡ଼ିଥାଏ । ଏଥିରେ ନକାଳୀକୁ ପଚାଯାଇ ଆହାର ସମାକରେ ଜଳ ପିଇବା ଓ ଓଜିଟିଟି ପରୀକ୍ଷା ସାଧାରଣତଃ ଦୁଇଘଣ୍ଟାରେ କରାଯାଏ । ଦ୍ୱିତୀୟରେ ୭୫ ଗ୍ରାମ୍ ଗ୍ଲୁକୋଜ ସେବନର ଦୁଇଘଣ୍ଟା ପରେ ଏହି ପରୀକ୍ଷା କରାଯାଇଥାଏ । ଓଜିଟିଟି ପରୀକ୍ଷାରୁ ରକ୍ତ ଶର୍କରା ସ୍ତର ସହିତ ସାଧାରଣ ରକ୍ତ ପରୀକ୍ଷାର ଫଳାଫଳ ମଧ୍ୟ ଜଣାଯାଏ । ଦେଖୁଥିବାରୁଙ୍କ ପରୀକ୍ଷାର ପ୍ରତି ମାସ୍ତ ୬ ମାସରେ ଓଜିଟିଟି ପରୀକ୍ଷା କରିବା ନିହାତି ଆବଶ୍ୟକ ।

ସ୍ତନକର୍କଟ ଚିହ୍ନଟ ପାଇଁ ଉପକରଣ

ମହିଳାଙ୍କଠାରେ ଦେଖାଯାଉଥିବା ସ୍ତନକର୍କଟ ଏକ ସାଧାରଣ କର୍କଟରୋଗ । ପ୍ରାଥମିକସ୍ତରରୁ ଏହି ରୋଗ ଚିହ୍ନଟରେ ବିଳମ୍ବ ହେଉଥିବାରୁ ଅଧିକାଂଶ ମହିଳା ଜୀବନରୁ ହାତଧୋଇ ବସୁଛନ୍ତି । ଜଣେ ସ୍ତନ କର୍କଟ ଚିହ୍ନଟ ପାଇଁ ଏଏମ୍‌ଆଇଟି ବୈଜ୍ଞାନିକମାନେ ଏକ ଫୋଟୋନିକ ଅଲଟ୍ରାସାଉଣ୍ଡ ଉପକରଣ ଡିଜାଇନିଛନ୍ତି । ଏହା ସ୍ମାର୍ଟଫୋନ୍ ସାଇଜର ମୋବିନ୍ ହାଲୁକା ଏବଂ ଏଆଇ ଅଧାରିତ । ଏମ୍‌ଆଇଟିର ସହକାରୀ ପ୍ରଫେସର କାଳନ ମାଲାଭେଲିରନ୍ ଏବଂ ତାଙ୍କ ଟିମ୍ ଏହି ଉପକରଣର ଡିଜାଇନ୍ କରିଛନ୍ତି । ଏଥିରେ ଏକ ଲୋଟ ଫ୍ରେଜରେଟ୍ ମଧ୍ୟ ଲାଗି ରହିଛି । ଏହି ଉପକରଣରୁ ଲାଟଟ୍ରାସ୍‌ରେ ଫୋଟୋ ନିକାଳି ଦେଖା ଯାଇପାରେ । ଉପକରଣଟି ସ୍ତନକର୍କଟ ଚିହ୍ନଟ ପାଇଁ ଉପଯୋଗୀ । ଏହି ଉପକରଣରୁ ସ୍ତନ ଉପରେ ରଖି ଥିବି ପଟେ ନିଆଯାଏ । ଏହା ଭିନ୍ନ ଭିନ୍ନ ସ୍ତରରେ ସ୍ତନର ଯାଞ୍ଚ କରେ । ଯାହାଦ୍ୱାରା ସ୍ତନର ଅସ୍ୱାଭାବିକ ମାସ ସବୁବି ସହଜରେ ଚିହ୍ନଟ ହୋଇପାରେ । ଗବେଷକମାନେ ଏଣେଛନ୍ତି ଏହି ପରୀକ୍ଷା ହେଉଥିଲେ ଟେଟ୍ ଯେପରିକି ସେ ସମ୍ପର୍କ ଦେଖାଯୁଏ । ଏବେ ଏମ୍‌ଆଇଟିର ଗବେଷକ ଏହାକୁ ଆହୁରି ଉନ୍ନତ କରିବାକୁ ଚେଷ୍ଟା କରୁଛନ୍ତି । ଯଦି ଏହା ସଫଳ ହୁଏ ତେବେ ଏହା ଅତ୍ୟନ୍ତ ସସ୍ତା ଏବଂ ସହଜ ଉପକରଣ ହୋଇପାରିବ । ଏହା ଅତ୍ୟନ୍ତ ସହଜ ଉପକରଣ ହୋଇଥିବାରୁ ଏହାର ଉପଯୋଗିତା ବଢ଼ିବ । ଆଜିକାଲି ଅଧିକାଂଶ ମହିଳା ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ରୋଗ ପ୍ରତିରୋଧ ପାଇଁ ଏହା ଏକ ଉପଯୋଗୀ ଉପକରଣ ହୋଇପାରିବ ।

ଗିଲୟ ଜୁସ୍

ଗିଲୟକୁ ଆୟୁର୍ବେଦରେ ଅମୃତ କୁହାଯାଇଛି । ଏହା ଗୁଳୁଚି ବା ଗୁଡୁଚି ନାଁରେ ପରିଚିତ । ଚିକିତ୍ସକଙ୍କ ପରାମର୍ଶରେ ଗିଲୟ ଜୁସ୍ ବା କାଢ଼ା ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ।

- ଚିକିତ୍ସକଙ୍କ ପରାମର୍ଶରେ ସକାଳୁ ଖାଲି ପେଟରେ ଗିଲୟ ଜୁସ୍ ବା କାଢ଼ା ପିଇଲେ ଶରୀର ସୁସ୍ଥ ରୁହେ ।
- ଡେଙ୍ଗୁ, ମେଲେରିଆ, ଜ୍ୱରରୁ ରୟଛାଡ଼ି ଦିଏ । ଏହା ପ୍ଲେଟଲେଟସ ବଢ଼ାଏ । ମଧୁମେହ, ପାଚକ ସମସ୍ୟା ପାଇଁ ଗିଲୟ ବେଶ୍ ପ୍ରଭାବୀ ।
- ଏହା ଶ୍ୱେତ ରକ୍ତ କଣିକାକୁ ସକ୍ରିୟ କରି ଏଣ୍ଟିବାଡି ତିଆରି କରିପାରେ । ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏହା ବେଶ୍ ପ୍ରଭାବୀ ।
- ଗିଲୟକାଢ଼ା କିମ୍ବା ଜୁସ୍ ଦିନକୁ ଦୁଇଥର ଚାମଚ ଦିଆଯାଇ ପାରେ । ଦିନକୁ ଦୁଇଥର ପିଇବା ବିହିତ ।
- ଏହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବା ସହ ପାଚକ ପ୍ରକ୍ରିୟାକୁ ସକ୍ରିୟ କରେ । ଆଣ୍ଟିଅକ୍ସିଡ଼ାଣ୍ଟ ଗୁଣ ମଧ୍ୟ ଦେଇଥାଏ ।

ପ୍ରଦୂଷଣଜନିତ ଅବସାଦ

ବାୟୁ ପ୍ରଦୂଷଣରେ ନାନା ବିଷାକ୍ତ ରସ୍ତୁ ଥାଏ । ବହୁଧରୁ ପି ଏମ୍ ୨.୫ ବିପଜ୍ଜନକ । ନିକଟରେ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦୀର୍ଘ କାଳୀନ ସୂକ୍ଷ୍ମ ରସ୍ତୁ ପି ଏମ୍ ୨.୫ ଜଳିବା ମାନସିକ ବୃଦ୍ଧା ବିଶେଷରେ ଅବସାଦ ଏବଂ ଚିନ୍ତା ଆକ୍ରାନ୍ତ ବଢ଼ାଏ । ଏହି ଅଧ୍ୟୟନ ଆକାଡ଼ାଲନି ବିଶ୍ୱାଳୟ ଗବେଷକ, ଏଥୁନୁ ନୁଆଦିଲ୍ଲୀ, ଏମ୍‌ଡ଼ାଆଇଏମ୍‌ଏସ୍‌ଏନ୍‌ଏସ୍ ଏବଂ ସେଣ୍ଟ ଜନ୍ମ ମେଡିକାଲ କଲେଜର ମିଳିତ ପ୍ରୟାସରେ କରାଯାଇଥିଲା । ଗବେଷଣାରେ ମୋଟ୍ ୩୪,୮୦୨ ବୟସ୍କଙ୍କ ତଥ୍ୟକୁ ବିଶ୍ଳେଷଣ କରାଯାଇଥିଲା । ଏଥିରୁ ଅଧେରୁ ଅଧିକ ଲୋକ ପି ଏମ୍ ୨.୫ ସହିତ ଦୀର୍ଘକାଳୀନ ସମ୍ପର୍କରେ ଥିଲେ ସେମାନଙ୍କଠାରେ ଅବସାଦ ୮ ୦% ରୁ ୩% ବଢ଼ିଯାଇଥିବା ଦେଖାଯାଇଥିଲା । ଗବେଷକଙ୍କ ମତରେ ପି ଏମ୍ ୨.୫ ର ସ୍ୱାସ୍ଥ୍ୟ ଉପରେ ନାନାଭାବେ ହାନିକାରକ ପ୍ରଭାବ ପଡ଼ିଛି । ହେଲେ ସଲଫେଟ୍, ନାଇଟ୍ରେଟ୍, ଆମୋନିୟମ୍, ଏମିନୋଆସିଡ ଜାତିର ରସ୍ତୁ ଅବସାଦ ସହ ଅଧିକ ଭାବେ ସମ୍ପୃକ୍ତ । ଏହାର ପ୍ରଭାବ ଅଧିକାଂଶ ସହରାଞ୍ଚଳର ଲୋକଙ୍କଠାରେ ଦେଖାଯାଇଛି । ସଲଫେଟ୍ ଓ ମାଟି ଧୂଳି ମଣ୍ଡିଲେନିଲ୍ ଷ୍ଟେରସ୍, ସାମୁଦ୍ରିକ ଖରି ମଧ୍ୟମରେ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାର

ଉତ୍କଳ ସମାଚାର

ସମ୍ପାଦକୀୟ...

ଶନିବାର ୧୪ ଫେବୃଆରୀ ୨୦୨୬

ପରମାଣୁ ପ୍ରଳୟ ?

ଆମେରିକା ଯଦି ବର୍ତମାନ ଅଣୁଅସ୍ତ୍ର ପରୀକ୍ଷା ସଂପର୍କିତ ଅଲିଖିତ ନିଷେଧାଦେଶର ଉଲ୍ଲଙ୍ଘନ କରେ, ତେବେ ତାହା ଯେଉଁ ଆନ୍ତର୍ଜାତିକ ଆଣବିକ ବିଶୃଙ୍ଖଳାକୁ ଜନ୍ମ ଦେବ, ସେପରି ଏକ ପରିବେଶରେ ଅବଲୀଳା କ୍ରମେ କୌଣସି ଏକ ଚରମପନ୍ଥୀ, ଦାୟିତ୍ୱହୀନ, ବଦମାସ ଅଣୁଅସ୍ତ୍ରସଂପନ୍ନ ଦେଶର ଆକସ୍ମିକ ଘଟିବ (ପାକିସ୍ତାନ, ଉତର କୋରିଆ), ଯିଏ କୌଣସି ଏକ ମୁହୂର୍ତ୍ତରେ ହିତାହିତ ଜ୍ଞାନଶୂନ୍ୟ ହୋଇ ଅନ୍ତିମ ନିଷେଧ ଉଲ୍ଲଂଘନ କରି ଆଣବିକ ଅସ୍ତ୍ର ବ୍ୟବହାର କରିଦେଇପାରେ । ସମୁଦ୍ରରେ ଏକ ଏକକୋଷୀୟ କ୍ଷୁଦ୍ର ଜୀବ ବାସ କରିଥାଏ, ଯିଏ ଏପରି ଏକ ଆତ୍ମରକ୍ଷା କୌଶଳ ଅବଲମ୍ବନ କରିବା ଦେଖାଯାଇଥାଏ ଯାହାକୁ ମନୁଷ୍ୟ ଜାତି ମଧ୍ୟ ନିଜର ଅସ୍ତିତ୍ୱ ବଜାଇବା ପାଇଁ ବିଗତ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଧରି ଅନୁସରଣ କରିଆସିଛି । ଯେତେବେଳେ କେଚଣସି ପରଭକ୍ଷୀ ଶିକାରୀ ଜୀବ ଏହି 'ଡିନୋସ୍ପୋଜେଲେଟ୍' ନାମକ ଜୀବକୁ ଭକ୍ଷଣ କରିବା ପାଇଁ ତା' ଆଡ଼କୁ ମାଡ଼ି ଆସେ, ସେତେବେଳେ ଏହି ଶିକାର ତା'ର ଶରୀରରୁ ଏକ ଉଜ୍ଜ୍ୱଳ ଆଲୋକ ନିର୍ଗତ କରିଥାଏ, ଯାହାର ଉଜ୍ଜ୍ୱଳତାରେ ଅବିରତ ବୃଦ୍ଧି ଘଟିଚାଲେ । ଅବିଳମ୍ବେ ଏହି ଉଜ୍ଜ୍ୱଳତା ଦ୍ୱାରା ଆକୃଷ୍ଟ ହୋଇ ଆହୁରି ବୃହଦାକାର ଶିକାରୀମାନେ ସେଠାରେ ପହଞ୍ଚି ଯାଇ ଉଭୟ 'ଡିନୋସ୍ପୋଜେଲେଟ୍' ଓ ତା'ର ଆକ୍ରମଣକାରୀକୁ ଗିଳି ଦେଇଥାନ୍ତି । ଡିନୋସ୍ପୋଜେଲେଟ୍‌ର ଶତ୍ରୁମାନେ ତେଣୁ ସାଧାରଣତଃ ତା'ଠାରୁ ସର୍ବଦା ଦୂରେଇ ରହିବାକୁ ନିରାପଦ ମନେ କରିଥାନ୍ତି । ଏହି ଆତ୍ମରକ୍ଷା କେ ?ଶଳକୁ 'ପରସ୍ପରର ନିଶ୍ଚିତ ଧ୍ୱଂସ' ବା 'ମ୍ୟୁଚୁଆଲ୍ ଆସ୍ୟୁରେଡ୍ ଡେଷ୍ଟ୍ରକ୍ ?ସନ' ('ମ୍ୟାଡ୍') ରୂପେ ବର୍ଣ୍ଣନା କରାଯାଇଥାଏ, ଯାହାକୁ ଏକ ପରମାଣୁ ପ୍ରଳୟରୁ ନିଜକୁ ରକ୍ଷା କରିବା ପାଇଁ ମାନବ ଜାତି ବର୍ତ୍ତମାନ ଜାଳ ଧରି ଅନୁସରଣ କରିଆସିଛି । ବର୍ତ୍ତମାନ ପରମାଣୁ ଅସ୍ତ୍ରର ଅଧିକାରୀ ହୋଇଥିବା ପୃଥିବୀର ନ'ଟି ଦେଶ ୧୯୪୫ରେ ହିରୋସିମା, ନାଗାସାକି ଘଟଣା ପରୀକ୍ଷା ସେଇ କାରଣରୁ କେବେହେଲେ କୌଣସି ଲଢ଼େଇରେ ପରମାଣୁ ଅସ୍ତ୍ରର ବ୍ୟବହାର କରିବାକୁ ନିବୃତ୍ତ ରହି ଆସିଛନ୍ତି । ସେତିକି ନୁହେଁ, କେବଳ ଗୋଠ ଖଣ୍ଡିଆ ଏକଛତ୍ର ଶାସନାଧୀନ ଉତର କୋରିଆକୁ ବାଦ୍ ଦେଲେ ଅନ୍ୟ କୌଣସି ଦେଶ ୧୯୯୨ ପରଠାରୁ ଆଉ ପରମାଣୁ ଅସ୍ତ୍ର ପରୀକ୍ଷା ମଧ୍ୟ କରିନାହିଁ । ଏବେ କିନ୍ତୁ ହଠାତ୍ ପୃଥିବୀର ଦୁଇ ପ୍ରମୁଖ ପରମାଣୁ ଶକ୍ତି ଆମେରିକା ଓ ଋଷିଆ ସେଇ ସାବଧାନତା ପରିତ୍ୟାଗ କରି ମାନବ ଜାତିକୁ ପୁଣି ପ୍ରଳୟ ବିପରେ ଲିଢ଼ିନେବା ଭଳି ଆଚରଣ ପ୍ରଦର୍ଶନ କରିବା ଦେଖାଯାଇଛି, ଠିକ୍ ସେମିତି 'ଡିନୋସ୍ପୋଜେଲେଟ୍'ର କେ ?ଣସି ଶତ୍ରୁ ହିତାହିତ ଜ୍ଞାନଶୂନ୍ୟ ହୋଇ ତାକୁ ଆକ୍ରମଣ କରିବାକୁ ଆଗେଇ ଆସିଲେ ଘଟିପାରେ । ଏହି ଘଟଣାକ୍ରମରେ ପ୍ରଥମେ ଋଷିଆର ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଏକ ଆଣବିକ କ୍ଷମତାସଂପନ୍ନ ଦୂରଗାମୀ କ୍ରୁଜ୍ ମିସାଇଲ୍ ଓ ପରେ ପରେ ଏକ ଆଣବିକ କ୍ଷମତାସଂପନ୍ନ ତର୍ପିଡୋ ଡ୍ରୋନ୍ ନିର୍ମାଣ ସମ୍ବନ୍ଧରେ ସଗର୍ବରେ ଘୋଷଣା ଜଲେ । ଏହାର ଜବାବରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାଳ ବିଳମ୍ବ ନ କରି ଘୋଷଣା କରିଦେଲେ ଯେ ଆମେରିକା ''ସମାନତା ଭିତିରେ'' ପୁଣି ଆଣବିକ ଅସ୍ତ୍ର ପରୀକ୍ଷଣ ଆରମ୍ଭ କରିବାକୁ ଯାଉଛି । ଏହାର ସରଳ ଅର୍ଥ ହେଲା ଆମେରିକା ପୁଣି ପରମାଣୁ ବୋମାର ପରୀକ୍ଷାମୂଳକ ବିସ୍ଫୋରଣ ଘଟାଇବାକୁ ଯାଉଛି । ଟ୍ରମ୍ପ ମଧ୍ୟ ତାଙ୍କର ଘୋଷଣାରେ ସ୍ପଷ୍ଟ କରିଦେଇଛନ୍ତି ଯେ ଆମେରିକା ଅବିଳମ୍ବେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି । ଉଲ୍ଲେଖଯୋଗ୍ୟ ଯେ ଆମେରିକା ଏଭଳି ଶେଷ ଆଣବିକ ବିସ୍ଫୋରଣ ଘଟାଇଥିଲା ୧୯୯୨ରେ । ତା' ପରଠାରୁ କିନ୍ତୁ କେବଳ ଉତର କୋରିଆକୁ ବାଦ୍ ଦେଲେ ପୃଥିବୀର ଅନ୍ୟ ଆଠଟି ଯାକ ପରମାଣୁ ଅସ୍ତ୍ରଧାରୀ ରାଷ୍ଟ୍ର ୧୮୬ଟି ରାଷ୍ଟ୍ରମାନଙ୍କ ଦ୍ୱାରା ସ୍ୱାକ୍ଷରିତ 'ନିଉକ୍ଲିୟା-ର୍‌ଟେଷ୍ଟ-ବ୍ୟାନ୍ ଟ୍ରିଟି'କୁ ପାଳନ କରି କୌଣସି ପରୀକ୍ଷାମୂଳକ ପରମାଣୁ ବିସ୍ଫୋରଣ ଘଟାଇ ନାହାନ୍ତି । ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଆମେରିକା, ଋଷିଆ, ଚୀନ୍ ଆଦି ଦେଶମାନେ ଏହି ବୁଝିରେ ସ୍ୱାକ୍ଷର କରି ନ ଥିଲେ ମଧ୍ୟ, ଏକ ଅଲିଖିତ ବୁଝାମଣା ପାଳନ କରି ସେମାନେ ବିଗତ ତିନି ଦଶନ୍ଧିରୁ ଅଧିକ କାଳ ଧରି ଏଭଳି ବିସ୍ଫୋରଣ ପରୀକ୍ଷଣରୁ ନିବୃତ ରହି ଆସିଛନ୍ତି । ଠିକ୍ ସେମିତି ଶିକାରୀମାନେ 'ଡିନୋସ୍ପୋଜେଲେଟ୍' ଠାରୁ ଏକ ଅଲିଖିତ ବୁଝି ଅନୁସରଣ କଳାଭଳି ଦୂରେଇ ରହିଆନ୍ତି । ବର୍ତମାନ ଯଦି ଟ୍ରମ୍ପ ଜାଳକ ଧମକକୁ ସତ୍ୟରେ ପରିଣତ କରି ପରମାଣୁ ବୋମା ପରୀକ୍ଷା ପୁଣି ଆରମ୍ଭ କରିଦିଅନ୍ତି, ତେବେ କ'ଣ ହେବ ? ଏହା ଖୋଦ୍ ଟ୍ରମ୍ପଙ୍କ ପାଇଁ ନିଜ ଦେଶ ଭିତରେ ଏକ ବୃହତ୍ ରାଜନୈତିକ ସମସ୍ୟା ସୃଷ୍ଟି କରିଦେଇପାରେ । ସାଧାରଣତଃ ଆମେରିକାର ନେଭାଡା ରାଜ୍ୟର ମରୁଭୂମିରେ ଥିବା ପରୀକ୍ଷା ସ୍ଥାନରେ ଏଭଳି ବିସ୍ଫୋରଣ ଆୟୋଜନ କରାଯାଇଥାଏ । ଯଦି ବୋମାର ଆହାର ବେଶୀ ବଡ଼ ହୋଇ ନ ଥାଏ, ତେବେ ହୁଏତ ବିସ୍ଫୋରଣଜନିତ ବିଜିରଣକୁ ସେଠାରେ ଭୂ-ଗର୍ଭରେ ସୀମିତ କରି ଦିଆଯାଇ ପାରିବ । କିନ୍ତୁ ସମସ୍ୟା ହେଲା ୧୯୯୨ ପରଠାରୁ ବର୍ତ୍ତମାନ ମଧ୍ୟରେ ସେ ରାଜ୍ୟର ମୁଖ୍ୟ ଅର୍ଥନୈତିକ କେନ୍ଦ୍ର ଲାସ୍ ଭେଗାସ୍ ସହରର ସଂପ୍ରସାରଣ ଘଟିଚାଲି ତାହା ଏହି ପରମାଣୁ ପରୀକ୍ଷା ସ୍ଥାନର ନିକଟବର୍ତ୍ତୀ ହୋଇଗଲାଣି । ଏବେ ଯଦି ସେଠାରେ ପରମାଣୁ ବିସ୍ଫୋରଣ ଘଟେ ତେବେ ସେ ରାଜ୍ୟର ଟ୍ରମ୍ପ ଅନୁଗାମୀ 'ମାଗା' ସମର୍ଥକମାନେ ତାଙ୍କ ବିରୋଧରେ ବିଦ୍ରୋହ କରିବାର ବୃହତ୍ ସମ୍ଭାବନା ରହିଛି । ଏବେ ସଦ୍ୟ ନ୍ୟୁୟର୍କ, ଲଙ୍ଗିନିଆ, ନିଜଇର୍ସିରେ ତାଙ୍କ ଦଳ ନିର୍ବାଚନ ପରାଜୟ ଭୋଗିବା ପରେ ଆସନ୍ତା ବର୍ଷରେ ଅନୁଷ୍ଠିତ ହେବାକୁ ଯାଉଥିବା ମଧ୍ୟବର୍ତୀକାଳୀନ ନିର୍ବାଚନ ପୂର୍ବରୁ ନିଜର ସମର୍ଥକମାନଙ୍କୁ ଏପରି ଅସନ୍ତୁଷ୍ଟ କରିବା ପାଇଁ ଟ୍ରମ୍ପ ଚାହିଁ ନ ପାରନ୍ତି । ଆନ୍ତର୍ଜାତିକ ପରିସରରେ ଆମେରିକାର ଏଡାଦୃଶ ଆଚରଣ ଋଷିଆ, ଚୀନ୍, ଭାରତ ଆଦି ଅଣୁଅସ୍ତ୍ରଧାରୀ ରାଷ୍ଟ୍ରମାନଙ୍କୁ ନିଜର ଆତ୍ମସଂଯମ ତ୍ୟାଗ କରି ନୂତନ ପରମାଣୁ ଅସ୍ତ୍ର ପରୀକ୍ଷା ଆରମ୍ଭ କରିଦେବାକୁ ଏକ ଉପଲକ୍ଷ୍ୟ ଯୋଗାଦେବ । ଯଦି ଏଭଳି ଘଟେ ତେବେ ସେଥିଯୋଗୁଁ ଯେଉଁ ଦେଶ ସର୍ବାଧିକ ଲାଭବାନ ହେବ, ସେ ହେଉଛି ଚୀନ୍ । ପରୀକ୍ଷାମୂଳକ ଆଣବିକ ବିସ୍ଫୋରଣରୁ ଯେଉଁ ତେତା ସଂଗୃହୀତ ହୁଏ, ତାହାର ଉପଯୋଗ କରି ସଂପୃକ୍ତ ଦେଶ ନିଜର ଅଣୁଅସ୍ତ୍ରମାନଙ୍କର ଶକ୍ତିରେ ଉନ୍ନତି ଘଟାଇ ନୂତନ ଅଧିକ ଘାତକ ଅସ୍ତ୍ର ନିର୍ମାଣ କରିଥାଏ ।

ବଜେଟ ୨୦୨୬: ପୂର୍ବୋଦୟକୁ ଗତି

ଫେବୃଆରୀ ୧ ତାରିଖରେ ପ୍ରସ୍ତୁତ କରାଯାଇଥିବା କେନ୍ଦ୍ରୀୟ ବଜେଟ ୨୦୨୬-୨୭ ଆଜିର ଭାରତବର୍ଷକୁ ୨୦୪୭ ମସିହା ସୁଦ୍ଧା 'ବିକଶିତ ଭାରତ' ଭଳି ଗଢ଼ି ତୋଳିବାର ସ୍ୱପ୍ନକୁ ସାକାର କରିବା ନିମନ୍ତେ ଏକ ଦୃଢ଼ ଏବଂ ସ୍ପଷ୍ଟ ଦୃଷ୍ଟିକୋଣ ପ୍ରଦାନ କରିପାରିଛି । ଏହି ବଜେଟ ଆର୍ଥିକ ଅଭିବୃଦ୍ଧି, ଅର୍ଥନୈତିକ ସୁଧାର ଏବଂ ବୈଶ୍ୱିକୀକରଣ ଉନ୍ନତି ଉପରେ କେନ୍ଦ୍ରିତ । ଏହା ସମସ୍ତଙ୍କ ପାଇଁ ଉନ୍ନତିରେ ବିଶ୍ୱାସ କରେ ଏବଂ ଭାରତର ପ୍ରଗତିରେ ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶକୁ ସମ୍ମିଳିତ କରାଇ ବିକାଶ ପଥଗାମୀ ହେବାକୁ ପ୍ରବର୍ତ୍ତାଏ । ଆର୍ଥିକ ଅଭିବୃଦ୍ଧି ନିମିତ୍ତ ସମ୍ପତ୍ତି ସୃଷ୍ଟିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଧାରଭୂତ ସଂରଚନା ଏବଂ ଯୋଗାଯୋଗ ବିକାଶ ପାଇଁ ଏକ ବିଶାଳ ୧୧.୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବ୍ୟୟ ବିନିଯୋଗ କରାଯାଇଛି - ଯାହା ଅର୍ଥନୀତିର ମୂଳ ଆଧାରକୁ ସୁଦୃଢ଼ କରିବା ବିଗରେ ସହାୟକ ହେବ । ଅର୍ଥନୈତିକ ସୁଧାର ଉତ୍ପାଦନ ଏବଂ ଉତ୍ପାଦକତାର ବୃଦ୍ଧି କରାଇଥାଏ । ଉତ୍ପାଦନ, ବିନିଯୋଗ ଏବଂ ରୋଜଗାର ସୃଷ୍ଟିକୁ ବଢ଼ାଇବା ପାଇଁ ବିଶେଷ କରି ସଂଖ୍ୟା ଯୁବକ ଯୁବତୀ ବର୍ଗଙ୍କ ପାଇଁ ଏହି ବଜେଟରେ ଗୁରୁତ୍ୱପୂର୍ଣ୍ଣ ସୁଧାରଗୁଡ଼ିକ ଅଣାଯିବା ହେଉଛି ସାଧୁବାଦର ପାତ୍ର । ଗ୍ରାମୀଣ ଜୀବନ ଏବଂ ଜୀବିକାକୁ ସୁଦୃଢ଼ ଏବଂ ସହଜ କରିବା ପାଇଁ ବଜେଟ ୨୦୨୬ରେ ବିଶେଷ ସହାୟତା ଦିଆଯାଇଛି, ଯାହା ଦ୍ୱାରା ଆର୍ଥିକ ବିକାଶ ଗ୍ରାମ ଏବଂ କୃଷକମାନଙ୍କ ଦ୍ୱାରା ସମ୍ପାପରେ ପହଞ୍ଚି ପାରିବ । ସରକାର ପରିବହନ, ଅନ୍ତର୍ଦେଶୀୟ ଜଳମାର୍ଗ ଏବଂ ଅନ୍ୟ ଲଜିଷ୍ଟିକ୍ସରେ ମଧ୍ୟ ବିନିଯୋଗ ବଢ଼ାଇଛନ୍ତି ଯାହା ସାମଗ୍ରୀ ପରିବହନକୁ ଅଧିକ ଦ୍ରୁତ ଏବଂ କାର୍ଯ୍ୟକ୍ଷମ କରାଇବ । ଏହି ଦୃଷ୍ଟିରୁ ବଜେଟ ୨୦୨୬ ସମାବେଶୀ ବୃଦ୍ଧି, ଦୃଢ଼ ଆଧାରଭୂତ ସଂରଚନା ସ୍ଥାପନା ଏବଂ ଆତ୍ମନିର୍ଭର ଭାରତର ଗଠନ ପ୍ରତି ଭାରତ ସରକାରଙ୍କ ପ୍ରତିବଦ୍ଧତାର ପରିଚାୟକ ଭାବରେ ପ୍ରତିପନ୍ନ ହେଉଛି । ଓଡ଼ିଶାର ଅବସର: ରେୟାର ଆର୍ଥ କରିଡୋରଗୁଡ଼ିକ ଭାରତର ଦୀର୍ଘକାଳୀନ ଆର୍ଥିକ ଅଭିବୃଦ୍ଧି ଏବଂ କୌଶଳଗତ ଆତ୍ମନିର୍ଭରତା ପାଇଁ ଏକ ମୁଖ୍ୟ ସ୍ତମ୍ଭ । ରେୟାର ଆର୍ଥ ତତ୍ତ୍ୱଗୁଡ଼ିକ ଲଜିଷ୍ଟିକ୍ସ ଯାନ, ନବୀକରଣଶୀଳ ଶକ୍ତି (ଉର୍ଜା) ପ୍ରଣାଳୀ, ସେମିକଣ୍ଡକ୍ଟର, ପ୍ରତିରକ୍ଷା ସାମଗ୍ରୀ ଏବଂ ଆଧୁନିକ ଇଲେକ୍ଟ୍ରୋନିକ୍ସ ପାଇଁ ଅତ୍ୟନ୍ତ ଆବଶ୍ୟକ ଉପାଦାନ । ଏହି ଖଣିଜଗୁଡ଼ିକ ବିନା ଭବିଷ୍ୟତର ଶିଳ୍ପଗୁଡ଼ିକର ବିକାଶ ସମ୍ଭବପର ନୁହେଁ । ବର୍ତମାନ ଚୀନ ବିଶ୍ୱବ୍ୟାପୀ ପ୍ରାୟ ୭୦ ପ୍ରତିଶତ ରେୟାର ଆର୍ଥ ଆପୂର୍ତିକୁ ନିୟନ୍ତ୍ରଣ କରୁଛି । ଏହା ଭାରତ ପରି ଅନ୍ୟ ବିକାଶଶୀଳ ଅର୍ଥନୀତିଗୁଡ଼ିକ ପାଇଁ ଗମ୍ଭୀର କୌଶଳଗତ ବାଧକତା ସୃଷ୍ଟି କରେ । ଜାତୀୟ ସୁରକ୍ଷା ଏବଂ ଆର୍ଥିକ ସ୍ଥିରତା ନିମନ୍ତେ ଏହି ନିର୍ଭରତା ହ୍ରାସ କରିବା ଅତ୍ୟାବଶ୍ୟକ । ବଜେଟ ୨୦୨୬ ଏହି ଗୁରୁତ୍ୱପୂର୍ଣ୍ଣ ଚାଲେଞ୍ଜକୁ ସ୍ପଷ୍ଟ ଉଦ୍ଦେଶ୍ୟ ଏବଂ କାର୍ଯ୍ୟାନ୍ୱୟନ ଯୋଗ୍ୟ ଦୃଷ୍ଟିକୋଣ ସହିତ ସମ୍ବୋଧନ କରିଛି । 'ବିକଶିତ ଭାରତ ୨୦୪୭'ର ବିସ୍ତୃତ ଲକ୍ଷ୍ୟ ଅଧୀନରେ ଓଡ଼ିଶା, କେରଳ, ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁ ପରି ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକରେ ନିର୍ଦ୍ଦିଷ୍ଟ ରେୟାର ଆର୍ଥ କରିଡୋର ବିକାଶ ନିମନ୍ତେ ସରକାର କକ୍ଷ୍ୟଭିତିକ ସହାୟତା ଘୋଷଣା କରିଛନ୍ତି । ବଜେଟ ଏହି କରିଡୋରଗୁଡ଼ିକୁ କେବଳ ଖଣି ଅଙ୍ଗଳ ଭାବରେ ନୁହେଁ, ବରଂ ସମ୍ପୂର୍ଣ୍ଣ ସମାହିତ ପରିବେଶ ଭାବରେ ପରିକଳ୍ପନା କରିଛି । ଏହା ଖଣିଜମାନଙ୍କୁ ପ୍ରକ୍ରିୟାକରଣ, ରିଫାଇନିଂ ଏବଂ ଉତ୍ପାଦନ ସହିତ ସଂଯୋଗ କରିବ । ତଦୁପରି, ବନ୍ଦର, ରେଳ କନେକ୍ଟିଭିଟି, ବିଦ୍ୟୁତ ଯୋଗାଣ, ଜଳ ପ୍ରଣାଳୀ ଏବଂ ଶିଳ୍ପ ଅବସଂରଚନା ମାଧ୍ୟମରେ ଶିଳ୍ପଶାଳୀ ଲଜିଷ୍ଟିକ୍ସ ସମର୍ଥନ ଏହି କରିଡୋର ସମ୍ଭବରେ ସୁଚାରୁ ଏବଂ କାର୍ଯ୍ୟକ୍ଷମ ପରିଚାଳନାକୁ ସୁନିଶ୍ଚିତ କରିବ । ଏହା ଜଳଂମାଲ ରତ୍ନାନୀରୁ ମୂଲ୍ୟ ସୃଷ୍ଟି (ଭେଲ୍ୟୁ ଏଡ଼ିସନ) ବିଗରେ ଏକ ନିଷ୍ପତିମୂଳକ ପରିବର୍ତ୍ତନକୁ ସୂଚିତ କରେ । ରେୟାର ଆର୍ଥ କରିଡୋର ପାଇଁ ଓଡ଼ିଶା ଏକ ଆଦର୍ଶ କ୍ଷେତ୍ର ଭାବରେ ପରିଚିତ ହୁଏ । ଏହି ରାଜ୍ୟରେ ସମୁଦ୍ରତଟୀୟ ଖଣିଜ, କ୍ରୋମାଇଟ ଏବଂ ନିକେଲ ପ୍ରଚୁର ପରିମାଣରେ ଉପଲବ୍ଧ ଅଛି, ଯାହା ରେୟାର ଆର୍ଥ ପ୍ରକ୍ରିୟାକରଣ ପାଇଁ ଆଧାର ପ୍ରସ୍ତୁତ କରେ । ଏହା ସହିତ ସବିଶେଷିତ ବନ୍ଦର, ରେଳ କରିଡୋର, ଅନ୍ତର୍ଦେଶୀୟ ଜଳମାର୍ଗ ଏବଂ ଶିଳ୍ପଗୁଚ୍ଛଗୁଡ଼ିକ ମଧ୍ୟ ଆର୍ଥିକ ଅଭିବୃଦ୍ଧିରେ ଅଶେଷ ସହାୟକ ହେବ । ଅତିରିକ୍ତ ବିଦ୍ୟୁତ ଉପଲବ୍ଧତା ଏବଂ ଦୃଢ଼ ଧାତୁ ଓ ଉତ୍ପାଦନ ପରିବେଶ ଥିବାରୁ ଓଡ଼ିଶା କ୍ଷମତାଶୀଳ ଏବଂ ପ୍ରତିସ୍ପର୍ଦ୍ଧାତ୍ମକ ଭାବରେ ରେୟାର ଆର୍ଥ ପ୍ରକ୍ରିୟାକରଣ କରିପାରିବ । ଏହା ରୋଜଗାର ସୃଷ୍ଟି କରିବା ସହିତ ଜାତୀୟ ଉତ୍ପାଦନକୁ ବୃଦ୍ଧି କରିବ ଏବଂ ସ୍ଥାନୀୟ ଶିଳ୍ପଗୁଡ଼ିକୁ ସୁଦୃଢ଼ କରିବ । ଏହା ସହ ବସ୍ତୁ ଏବଂ ସେବା କର (ଜି.ଏସ.ଟି.), ଯୋଗାଣ ପ୍ରାପ୍ତି ଏବଂ ରପ୍ତାନୀ ମାଧ୍ୟମରେ ସରକାରୀ ଆୟ ମଧ୍ୟ ବୃଦ୍ଧି କରାଇବ । ନୂତନ ଟ୍ରେଡ୍ କରିଡୋର ଏବଂ ଜାତୀୟ ଜଳମାର୍ଗ ବିସ୍ତାର ପରିବହନକୁ ଦ୍ରୁତ, ଶସ୍ତା ଏବଂ ପରିବେଶ ମିତ୍ର କରିବାରେ ଗଢ଼ି ତୋଳିବ । ଏହା ଫଳରେ ସଡ଼କ ମାର୍ଗରେ ଅତ୍ୟଧିକ ଚାପ ହ୍ରାସ ପାଇବ, ଇନ୍ଧନ ବ୍ୟୟ ହ୍ରାସ ଏବଂ କାର୍ବନ ନିର୍ଗମନ କମ୍ ହେବ । ସମୟ ସହିତ ଓଡ଼ିଶା ଚାଳ ବେଇ ଏକ ମୁଖ୍ୟ ଲଜିଷ୍ଟିକ୍ସ ଏବଂ ଶିଳ୍ପ କେନ୍ଦ୍ର ଭାବରେ ଗଢ଼ି ଉଠିପାରିବ । ବଜେଟ ୨୦୨୬ ଯୁବବର୍ଗଙ୍କ ପାଇଁ ବଜେଟ ବିକାଶକୁ ବିଶେଷ ଗୁରୁତ୍ୱ ଦେଇଛି । ଅପ୍ରେଣ୍ଟିସ୍ ଟ୍ରେନିଂ ସେବଂସରଗୁଡ଼ିକୁ ଯୁବମାନଙ୍କୁ ଆଧୁନିକ ଉତ୍ପାଦନ, ଲଜିଷ୍ଟିକ୍ସ, ଏବଂ ସେବା କ୍ଷେତ୍ର ପାଇଁ ପ୍ରାୟୋଜିତ ବଜାରରେ ପ୍ରଶିକ୍ଷିତ କରିବ । ଏହା ପ୍ରତ୍ୟକ୍ଷ ଭାବରେ ନିଯୁକ୍ତି ଯୋଗ୍ୟତାକୁ ସୁଧାରିବ ଏବଂ ରାଜ୍ୟ ମଧ୍ୟରେ ଉନ୍ନମ ରୋଜଗାର ସୃଷ୍ଟି କରିବ । ଏହା ସହିତ ବଜେଟ ପରିବେଶ ମିତ୍ର ପର୍ଯ୍ୟଟନକୁ ଏକ ସ୍ଥିର ଜୀବିକା ବିକଳ୍ପ ଭାବରେ ପ୍ରୋତ୍ସାହନ ଦେଇଛି । ଓଡ଼ିଶାର ସମୁଦ୍ରତଟରେ ଥିବା 'ଟର୍ଟଲ ଟ୍ରେଲ୍' ପରି ପ୍ରକଳ୍ପଗୁଡ଼ିକ ପରିବେଶକୁ ସୁରକ୍ଷିତ ରଖି ଯାତ୍ରୀମାନଙ୍କୁ ଆକର୍ଷିତ କରିବ । ସ୍ଥାନୀୟ ସମ୍ପ୍ରଦାୟମାନଙ୍କୁ ଉପାର୍ଜନର ନୂଆ ନୂଆ ସୁଯୋଗ ମିଳିବ, ଯାହା ପଶୁପକ୍ଷୀ, ପ୍ରାଣୀ ଏବଂ ପରିବେଶକୁ କ୍ଷତି ନକରି ପ୍ରାପ୍ତି ହୋଇପାରିବ । ବଜେଟ ୨୦୨୬ ପୂର୍ବାଂଚଳୀୟ ରାଜ୍ୟମାନଙ୍କ ସଂସ୍କୃତି, ପ୍ରତିଭା ଏବଂ ପ୍ରାକୃତିକ ସମ୍ପଦକୁ ସ୍ୱୀକାର କରି ସେମାନଙ୍କର ଗୁରୁତ୍ୱକୁ ସ୍ପଷ୍ଟ ଭାବରେ ଉଜାଗର କରିଛି । ଲଷ୍ଟ କୋଷ୍ଠ ଲଷ୍ଟଷ୍ଟିଆଲ କରିବୋର ପୂର୍ବବୋଦୟ ପର୍ଯ୍ୟଟନ ସ୍ଥଳୀ ଏବଂ ୪,୦୦୦ ଇ-ବସ୍ ବ୍ୟବସ୍ଥା ପରି ପ୍ରମୁଖ ପ୍ରକଳ୍ପଗୁଡ଼ିକ ଓଡ଼ିଶାର ଏଂଯୋଗ, ଅବସଂରଚନା ଏବଂ ରୋଜଗାର ସୃଷ୍ଟିକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ସୁଧାରିବ । ଦୀର୍ଘକାଳୀନ ଏବଂ ଭବିଷ୍ୟତ ପ୍ରସ୍ତୁତିର ଦୃଷ୍ଟିକୋଣ ସହିତ ବଜେଟ ୨୦୨୬ ସମାବେଶୀ, ସମ୍ପୂର୍ଣ୍ଣ ଏବଂ ପ୍ରମୁଖ ଚାଳିତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଦୃଢ଼ ଭିତ୍ତି ପ୍ରସ୍ତୁତ କରେ । ବର୍ତମାନର ଆବଶ୍ୟକତା ହେଉଛି ସଠିକ୍ ଉନ୍ନତି ମନୋଭାବ, ଜଟିଳ ପରିଣତି ଏବଂ ସମସ୍ତ ହିତଧାରକଙ୍କର ସାମୂହିକ ଅଂଶଗ୍ରହଣ । ତେଣୁ ଉଭୟ ଭଣ୍ଡାର ସହାୟତାର ସଫଳ ରୂପାୟନ କରିବାକୁ ହେବେ ତଥା ସମସ୍ତ ପୂର୍ବାଂଚଳବାସୀ ସମତୁଳିତ ଭାବରେ ଜାତୀୟ ଉନ୍ନତି ବିଗରେ ପ୍ରତିବଦ୍ଧତାକୁ ସୁନିଶ୍ଚିତ କରାଇବାକୁ ପଡ଼ିବ ଏବଂ ସାମୂହିକ ଭାବରେ ରାଜ୍ୟରେ ଆର୍ଥିକ ସ୍ଥିତିର ସୁଧାର, ରୋଜଗାର ଅବସର ସୃଷ୍ଟି ଏବଂ ପରିବେଶ ସୁରକ୍ଷା ସହଯୋଗାତ୍ମକ ଭାବରେ ସୁନିଶ୍ଚିତ କରାଇବାକୁ ପଡ଼ିବ ।

ଯାତ୍ରା ସଙ୍ଗୀତ

ଭାରତରେ ଜାତୀୟ ଶ୍ରମ ଶକ୍ତିରେ ମହିଳାମାନଙ୍କର ଅଂଶଗ୍ରହଣ ଅନୁପାତ ନୀତା ରହିବାକୁ ଆମର ମାନବ ସମ୍ବଳର ଅପଚୟ ତଥା ଆମର ଏକ ବିଶେଷ ଅର୍ଥନୈତିକ ଦୁର୍ବଳତା ରୂପେ ବିଚାର କରାଯାଇଥାଏ । ଏହାର ବିଭିନ୍ନ କାରଣମାନଙ୍କ ମଧ୍ୟରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ମହିଳାମାନଙ୍କ ପାଇଁ କର୍ମକ୍ଷେତ୍ରକୁ ଯାତାୟାତ ପଥରେ ରହିଥିବା ପ୍ରତିବନ୍ଧକମାନ । ସାର୍ବଜନୀନ ଯାନରେ ସେମାନଙ୍କର ସମ୍ମୁଖୀନ ହେଉଥିବା ଅଣ୍ଟାଳ କରିବେଶ ଯେ ହେଉଛି ଏଭଳି ଏକ ଗୁରୁତର ପ୍ରତିବନ୍ଧକ, ତାହା ପ୍ରତ୍ୟେକ ଭୁକ୍ତଭୋଗୀ ମହିଳା ଯାତ୍ରୀ ସ୍ୱୀକାର କରିଥାନ୍ତି । ସାଧାରଣତଃ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀମାନେ ଏଭଳି ସମସ୍ୟା ସମ୍ବନ୍ଧରେ ସଚେତନ ଥିବା ଆଶା କରାଯାଏବା, କାରଣ କୌଣସି ସାର୍ବଜନୀନ ଯାନରେ ସେମାନଙ୍କର ଜେବେହେଲେ ପାଦ ପଡ଼ି ନ ଥାଏ । ବିହାର ମୁ

ସମ୍ବଲପୁରରେ ଶାନ୍ତିପୂର୍ଣ୍ଣ ଭାବେ ଶ୍ରମିକ ଓ କୃଷକଙ୍କ ବନ୍ଦ ଧର୍ମଘଟ ସମ୍ପର୍ଣ୍ଣ

ସମ୍ବଲପୁର,୧୩/୨(ନି/ପ୍ର):ନୂଆ ଶ୍ରମ କୋଡ଼ ପ୍ରତ୍ୟାହାର, ଶ୍ରମିକ କୃଷକଙ୍କ ସୁରକ୍ଷା, ଯୁକ୍ତରାଷ୍ଟ୍ର ସହିତ ବାଣିଜ୍ୟକ ବୁଝି ବାତିଲ ଦାବିରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଂଚ ପକ୍ଷରୁ ଧର୍ମଘଟ ଡାକରା ଫଳରେ ଆଜି ଏଠାରେ ସାଧାରଣ ଜୀବନ ଯାତ୍ରା ସୁଦୃଢ଼ର ଭାବରେ ପ୍ରଭାବିତ ହୋଇଛି। ସକାଳୁ ୧୨ ଘଂଟିଆ ଦେଶବ୍ୟାପୀ ଭାରତ ବନ୍ଦ ପାଳନ ହେଉଛି। ସମସ୍ତ ଜିଲ୍ଲାରେ ଏହାର ପ୍ରଭାବ ଅନୁଭୂତ ହୋଇଛି। ଟ୍ରେଡ୍ ୟୁନିୟନ, କୃଷକ ସଂଗଠନ ଏବଂ ବିଭିନ୍ନ ରାଜନୈତିକ ଦଳ ର କର୍ମୀ ମାନେ ବାଇକ ରେଲି ସହିତ ସ୍ଥାନେ ସ୍ଥାନେ ପିକେଟିଙ୍ଗ ଓ ରାସ୍ତାରୋକ କରିଥିଲେ। ଫଳରେ ସମ୍ବଲପୁର ସହରରେ ପ୍ରାୟ ସମସ୍ତ ଦୋକାନ, ବଡ଼ ବଡ଼ ସୋ 'ରୁମ, ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ପେଟ୍ରୋଲ ପମ୍ପ, ସରକାରୀ ବେସରକାରୀ ବସ ଚଳାଚଳ ବନ୍ଦ ରହିଛି। ସେହିପରି ସରକାରୀ ଓ ସରୋଜ ବୀମା, ବ୍ୟାଙ୍କ ସହିତ ଆରୁକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଖୋଲିପାରିନଥିଲା। ମନରେଗା ଟଂଚାଓ, ଜି-ରାମ-ଜି ଆଇନକୁ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ଶ୍ରମ କୋଡ଼ ବାତିଲ, ବିଦ୍ୟୁତ ବିଲ ସଂଶୋଧନ, କୃଷକ ବିରୋଧୀ ବିଲ-୨୦୨୫କୁ ବାତିଲ ଆଦି ଶ୍ରମିକ ଓ କୃଷକ ତଥା ଜନ ବିରୋଧୀ ଆଇନ ବାତିଲ ନାରା ଦେଇ ଆନ୍ଦୋଳନକାରୀମାନେ ସହରର ବିଭିନ୍ନ ରାସ୍ତା, ଛକରେ ରାସ୍ତା ଅବରୋଧ କରିଛନ୍ତି। ତେବେ ଔଷଧ ଦୋକାନ ଓ କିଛି ଖାଦ୍ୟ ଷ୍ଟଲ ଖୋଲାଥିବାବେଳେ ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ଏହି ବନ୍ଦ ରୁ ସମସ୍ତ ଅତ୍ୟାବଶ୍ୟକ ଓ ଜରୁରୀକାଳୀନ ସେବାକୁ ବନ୍ଦରୁ ବାଦ ଦିଆ ଯାଇଥିବା ଦେଖିବାକୁ ମିଳିଛି। ଅଇଁଠାପାଲି, ଧନୁପାଲି, ସିନ୍ଦୁରପଙ୍କ, ଚୌଧୁରୀ ଛକ, ରେମେଡ଼ିଛକ ଆଦି ସମ୍ବଲପୁରର ସମସ୍ତ ପ୍ରବେଶ ପଥକୁ ସଂଯୋଗ କରୁଥିବା ବିଭିନ୍ନ ଜାତୀୟ ରାଜପଥ ଉପରେ ଭାରୀଯାନ ଗୁଡ଼ିକ ଲମ୍ବା ଲାଇନରେ ଛିଡ଼ା ହୋଇ ରହିଥିଲା। ଫଳରେ ଜାତୀୟ ରାଜପଥ ଜାମର ଭ୍ରମ ସୃଷ୍ଟି କରିଛି। ଅଇଁଠାପାଲି ବସ ଟର୍ମିନାଲରେ ଉଭୟ ବେସରକାରୀ ଓ ଆମ ବସ ଗୁଡ଼ିକ ଅଟକି ରହିଥିଲା। ସହର ବାହାରେ ଜାଁ ଜାଁ ଅଟୋ ଓ ଚାରିଚକିଆ ଯାନ ଚଳାଚଳ ଜାରୁଥିବା ବେଳେ ସହର ମଧ୍ୟରେ ଚଳାଚଳ ବନ୍ଦ ରହିଛି। ତେବେ ବୁଲ ଚକିଆ ଯାନ ଚଳାଚଳକୁ ବନ୍ଦରୁ ବାଦ ଦିଆଯାଇଛି। ଏଚ୍‌ଏମ୍‌ଏସ୍ ସମ୍ପାଦକ ସଞ୍ଜିତ ମହାନ୍ତି ଧର୍ମଘଟ ସମ୍ପୂର୍ଣ୍ଣ ସଫଳ ହୋଇଛି ଓ ଏଥିପାଇଁ ସେ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଚଏମଏସ, ଏଆଇଟିୟୁସି, ସିଆଇଟିୟୁ, ଓଡିଶା କେନ୍ଦ୍ରପତ୍ର କର୍ମଚାରୀ ମହାସଂଘ, ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି, ଓ ଏସଆରୟୁ ପ୍ରଭୃତି ସଂଗଠନ ଏହି ଧର୍ମଘଟ ରେ ସାମିଲ ହୋଇଥିଲେ। ଅପର ପକ୍ଷରେ ସୁରକ୍ଷା ଓ ପ୍ରତିଷେଧମୂଳକ ବ୍ୟବସ୍ଥା ସ୍ୱରୂପ ବିଭିନ୍ନ ଛକରେ ପୋଲିସ ଅଧିକାରୀଙ୍କ ସହ ସୁରକ୍ଷାକର୍ମୀ ମୁତୟନ ହୋଇଥିବା ଦେଖାଯାଇଛି।

କାଣ୍ଡବା ନୋଡାଲରେ ବାର୍ଷିକ ଉତ୍ସବ

ଉତ୍ରକ,୧୩/୨: ଉତ୍ରକ ଜିଲ୍ଲା ଗୋପିନାଥପୁର ପଂଚାୟତ କାଣ୍ଡବା ନୋଡାଲ୍ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାରେ ଉଦ୍‌ଘାଟକ ଭାବେ ବକ୍ସ ବ୍ଲକ ଅଧକ୍ଷ ମନୋରଞ୍ଜନ ଗଡେଇ,ମୁଖ୍ୟ ଅତିଥି ଭାବେ ଉତ୍ରକର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ ତାଙ୍କ ବକ୍ତବ୍ୟରେ ପାଠପଢି ବଡ ମଣିଷ ନହୋଇ ଭଲ ମଣିଷ ହେବା

ସ୍ୱାସ୍ଥ୍ୟ ସମୀକ୍ଷା ବୈଠକରେ ଜିଲ୍ଲାରେ ଶିଶୁ ମୃତ୍ୟୁ ହାର ଏବଂ ମାତୃ ମୃତ୍ୟୁ ହାର ହ୍ରାସ ଉପରେ ଗୁରୁତ୍ୱ

ଝାରସୁଗୁଡ଼ା,୧୩/୨(ନି/ପ୍ର): ଜିଲ୍ଲାପାଳ ଶ୍ରୀ କୁଣାଲ ମୋଡିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକରେ ଜିଲ୍ଲାର ବିଭିନ୍ନ ବ୍ୟବସ୍ଥାକୁ ଅଧିକ ତ୍ୱରିତଶୀଳ କରିବା ପାଇଁ ବ୍ୟାପକ ରଣନୀତି ପ୍ରସ୍ତୁତ କରାଯାଇଛି। ବିଶେଷ କରି ସ୍ୱାସ୍ଥ୍ୟ ବିଭାଗର ଆର.ଏମ.ଏନ.ସି.ଏ.ଏବ ପୁସ ଏନ ଅର୍ଥାତ୍ ପ୍ରଜନନ, ମାତୃ, ନବଜାତ ଶିଶୁ, ଶିଶୁ ଏବଂ କିଶୋର ସ୍ୱାସ୍ଥ୍ୟ ସହିତ ପୁଷ୍ଟିସାଧନ କାର୍ଯ୍ୟକ୍ରମ ଉପରେ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ସଂସ୍ଥାଗତ ପ୍ରସବ ବା ହସ୍ପିଟାଲରେ ଶିଶୁ ଜନ୍ମ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଶିଶୁ ମୃତ୍ୟୁ ହାର ଏବଂ ମାତୃ ମୃତ୍ୟୁ ହାର ହ୍ରାସ କରିବାକୁ ହେଲେ ଅଧିକ ବିପଦ ସଙ୍କୁଳ ଅବସ୍ଥାରେ ଥିବା ମା' ଏବଂ ଶିଶୁମାନଙ୍କର ସଠିକ୍ ପଞ୍ଜିକରଣ ଓ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନିୟମିତ ଅନୁଧ୍ୟାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହା ସହିତ ଅପପୁଷ୍ଟିର ଶିକାର ହୋଇଥିବା ଶିଶୁ, ଜନ୍ମ ସମୟରେ କମ୍ ଓଜନ ଥିବା ଶିଶୁ ଏବଂ ମାତୃ ପୁଷ୍ଟିସାଧନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ପରେ ଜିଲ୍ଲାପାଳ ଜାଇପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସେଠାକାର କାର୍ଯ୍ୟକାରିତା ଓ ସୁବିଧା ଅନୁଧ୍ୟାନ କରିଥିଲେ। ହସ୍ପିଟାଲରେ କେତେଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେଜଣ ପ୍ରସୂତରେ ଉପସ୍ଥିତ ରହୁଛନ୍ତି, ସେ ନେଇ ସେ ସବିଶେଷ ଅନୁଧ୍ୟାନ କରିଥିଲେ। ଏଥିସହ ସମୁଦାୟ କର୍ମଚାରୀଙ୍କ ସଂଖ୍ୟା, ଅନ୍ତଃବିଭାଗ ବା ଆର.ସି.ଡି ଶଯ୍ୟା କ୍ଷମତା ଏବଂ ଦୈନିକ ହସ୍ପିଟାଲକୁ ଆସୁଥିବା ବହିର୍ବିଭାଗ ଓ ଅନ୍ତଃବିଭାଗ ରୋଗୀଙ୍କ ହାରାହାରି ସଂଖ୍ୟାକୁ ନେଇ ଜିଲ୍ଲାପାଳ ଅନୁସନ୍ଧାନ କରିଥିଲେ। ରୋଗୀଙ୍କୁ ମିଳୁଥିବା ସୁବିଧା ଏବଂ ପାଥୋଲୋଜିକାଲ୍ ଟେଷ୍ଟ ବା ରକ୍ତ ପରୀକ୍ଷା ସେବା କିପରି ଚାଲିଛି, ସେ ନେଇ ମଧ୍ୟ ସେ ଅବଗତ ହୋଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବୁଝିବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ କୌଣସି ପ୍ରକାରର ତ୍ରୁଟି ଯେପରି ନରହେ, ସେଥିପାଇଁ ସେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଜିଲ୍ଲାସ୍ତରୀୟ ପ୍ରାଣୀ ସମ୍ପଦ ବିକାଶ ସମୀକ୍ଷା ବୈଠକ

ଝାରସୁଗୁଡ଼ା,୧୩/୨(ନି/ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କୁଣାଲ ମୋଡିରାମ ଚହ୍ୱାଣଙ୍କ ଅଧକ୍ଷତାରେ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରର ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ପ୍ରାଣୀ ସମ୍ପଦର ବିକାଶ ଏବଂ ଚାଷୀମାନଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ବୈଠକରେ ବ୍ୟାପକ ଆଲୋଚନା କରାଯାଇଛି। ବୈଠକରେ ମୁଖ୍ୟତଃ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଯଥା— 'ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା', 'ମୁଖ୍ୟମନ୍ତ୍ରୀ ଜାମଧେନୁ ଯୋଜନା' ଏବଂ 'ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା'ର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା। ପ୍ରାଣୀ ପାଳକମାନେ ଜିଲ୍ଲାକି ସହରରେ ଏହି ଯୋଜନାଗୁଡ଼ିକର ସୁଫଳ ପାଇପାରିବେ ଏବଂ ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ ସହ ଅନ୍ୟାନ୍ୟ ପ୍ରାଣୀକ ସମ୍ପଦର ଅଭିବୃଦ୍ଧି ଘଟିବ, ସେଥିପାଇଁ ଜିଲ୍ଲାପାଳ ସମ୍ମୁଖ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଆର. ସୁଟ୍, ଆଇ.ଟି.ଡି.ଏର ପ୍ରକଳ୍ପ ପ୍ରଶାସକ ସମ୍ପ୍ରୀତ ପଟେଲ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଦୟାସାଗର ତୁରିଆ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଧାଂଶୁଶେଖର ବାଣ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଅରବିନ୍ଦ ଜେନା, ସାମୁଲ୍ ଜେନେରାଲ ମ୍ୟାନେଜର ଡ ସରୋଜ ସାହୁ, ଜିଲ୍ଲା ପ୍ରକଳ୍ପ ପରିଚାଳକ ପୁଷ୍ପଶ୍ରୀ ନାୟକ, କୃଷି ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଜି.ଏସ୍ ବେହେରା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରତାପ କୁମାର ନନ୍ଦ, ଏସିଏଫ୍ ଲଳିତ କୁମାର ନାୟକ ଏବଂ ଉଦ୍ୟାନ କୃଷି ବିଭାଗର ଉପ-ନିର୍ଦ୍ଦେଶକ ଆର. ସୁଟ୍, ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ରହିଥିଲେ।

ରାଜ୍ୟ କୁସ୍ତି: ସମ୍ବଲପୁରକୁ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ

ସମ୍ବଲପୁର,୧୩/୨(ନି/ପ୍ର): ସ୍ଥାନୀୟ ସାଓଲିନ ଜୁଂଫୁ ଉଷୁ ଆସୋସିଏସନ ଦ୍ୱାରା ପରିଚାଳିତ କୁସ୍ତି ସଂଘ ର ଛାତ୍ରଛାତ୍ରୀ ମାନେ ରାଜ୍ୟ କୁସ୍ତି ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଛନ୍ତି। ଏଥିରେ ବୈଷ୍ଣବୀ ପଟ୍ଟନାୟକ, ଗୁନମିତ କୌର, ପ୍ରିତି ମିର୍ଧା ଉଚ କୋଟୀର ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଜାତୀୟ କୁସ୍ତି ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଜାଫ୍ରିନ ଚୌଧୁରୀ ଏବଂ ଅବିନାଶ କୁମାର ରୋପ୍ୟ ପଦକ ହାସଲ କରି ସମ୍ବଲପୁର ସମ୍ମାନ ଅକ୍ଷୁର୍ଣ୍ଣ ରଖିଛନ୍ତି। ଓଡ଼ିଶା କୁସ୍ତି ସଂଘ ର ରାଜ୍ୟ ସମ୍ପାଦକ କିଶୋର ବେହେରା ସମ୍ବଲପୁର କୁସ୍ତି ଖେଳାଳିଙ୍କୁ ଭୂୟସି ପ୍ରଶଂସା କରିଥିଲେ ଆଉ ଭବିଷ୍ୟତ ରେ ପଦକ ଜିତିବା ପାଇଁ ପ୍ରେରଣା ଯୋଗାଇଥିଲେ । ଆସୋସିଏସନର ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ଏହି କୁସ୍ତି ପ୍ରତିଯୋଗିତା ଜଟକ ଠାରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷିକା ଗାୟତ୍ରୀ ମିଶ୍ର, ଡିଙ୍ଗର ମେହେର ଓ ସ୍ୱାତ ସଂଘେ ପ୍ରମୁଖ ଦଳ କୁ ସୁବୁଦ୍ଧ କରିବା ପଛରେ ଉଦ୍ୟମ କରିଥିଲେ । ଏହି କୃତିତ୍ୱ ପାଇଁ କୁସ୍ତି ସଂଘ ର ସଦସ୍ୟ, ଖେଳ ପ୍ରେମି ଓ ସୁଭେଛୁଛୁ ବୃନ୍ଦ କୃତି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସାଂସ୍କୃତିକ ସମାଜର ସଂସ୍କୃତି ସୁରକ୍ଷା ଆଲୋଚନାଚକ୍ର

ସମ୍ବଲପୁର, ୧୩/୨(ନି/ପ୍ର): ଓଡିଶା ସାଂସ୍କୃତିକ ସମାଜ ଓ ଗାୟତ୍ରୀ ସନ୍ତୋଷ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ କିସିଣ୍ଡା ସରକାରୀ ହାଇସ୍କୁଲ ଠାରେ 'ଆମ ସଂସ୍କୃତି, ଆମ ଇତିହାସ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସଭାପତି ଡ. ପରେଶ୍ ଚନ୍ଦ୍ର ଦାନିଙ୍କ ସଭାପତିତ୍ୱରେ କରି ଛାତ୍ରଛାତ୍ରୀ ମାନଙ୍କୁ ନିଜ ସଂସ୍କୃତି ଓ ଇତିହାସ ବିଷୟରେ ନିଜ ଜାଣି ସେଥିପାଇଁ ନିଜକୁ ଗର୍ବିତ କରିବା ଉଚିତ୍ ବୋଲି ଅଭିହିତ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଅନୁଷ୍ଠାନର ଆଭିମୁଖ୍ୟ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ର ଅରୁଣ କୁମାର ପ୍ରଧାନ ଏପରି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀ ମାନେ ନିଜ ସଂସ୍କୃତି,ଇତିହାସ ଉପରେ ସଚେତନ ହୋଇପାରିବେ। କିଶିଣ୍ଡା ସରଫଟ ରାନାରାଣୀ ନାୟକ ଏବଂ ସ୍କୁଲ ପୁରାତନ ଛାତ୍ର ସଂସଦ ସଭାପତି ଅଭ୍ୟୁଜ ପ୍ରସାଦ ରାଉତ ଗୋଟାଏ ଜାତି ନିଜ ସଂସ୍କୃତି ଓ ଉଚ ପରମ୍ପରା ପାଇଁ ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଥାଏ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଲଳିତ ମୋହନ ବେହର୍ତା ଏବଂ ଜନଶିକ୍ଷା ସମିତି ସଭ୍ୟ ପ୍ରମୋଦ କୁମାର ପଟ୍ଟନାୟକ ଉନ୍ନତ ସଂସ୍କୃତି ସମ୍ପନ୍ନ ଦେଶ ଆନ୍ତର୍ଜାତୀୟ ସ୍ତରରେ ନିଜକୁ ସୁପ୍ରତିଷ୍ଠିତ କରିଥାଏ। ଜୁଲଜ ରେ ମମତା ମାଝୀ ପ୍ରଥମ,ବୃପ୍ତିମଞ୍ଜରି ମାଝୀ ଦ୍ୱିତୀୟ ଓ ପପୁ ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ନିରୁପମା ପପୁଆ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିବା ବେଳେ ସଂଯୋଜକ ବିଜ୍ଞାନ ଶିକ୍ଷୟତ୍ରୀ ଶ୍ରୀମତୀ ରୁକ୍ମିଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ସହୀଦ ବଗା ପୂଜାରୀଙ୍କ ୮୪ତମ ଆତ୍ମବଳିଦାନ ଦିବସ ପାଳିତ

ଉମରକୋଟ, ୧୩/୨(ନି/ପ୍ର): ନବରଙ୍ଗପୁର ତଥା ଅଭିଭକ୍ତ କୋରାପୁଟ ମାଟିର ମହାନ ସ୍ୱାଧୀନତା ସଂଗ୍ରାମୀ ସହୀଦ ବଗା ପୂଜାରୀଙ୍କ ୮୪ତମ ଆତ୍ମବଳିଦାନ ଦିବସ ଆଜି ଭକ୍ତିଭାବରେ ପାଳିତ ହୋଇଛି ।ତାଙ୍କ ପୁଣ୍ୟତିଥି ଅବସରରେ ଉମରକୋଟ ବ୍ଲକର ବଡ଼ରଉରଣ୍ଡୀ ଗ୍ରାମରେ ଅବସ୍ଥିତ ତାଙ୍କ ସ୍ମୃତିରେ ନିର୍ମିତ ସହୀଦ ବଗା ପୂଜାରୀ ମିନାରରେ ପୁଷ୍ପହାର ଅର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା । ଏହି ଅବସରରେ ଓଡ଼ିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଝରୀଗାଁ ବିଧାୟକ ନରସିଂହ ଭତ୍ରା, ବିଜେପି ଉପସଭାପତି ରମେଶ ସାହୁ ସହିତ ଅନ୍ୟାନ୍ୟ ଜନପ୍ରତିନିଧି ଓ ପ୍ରମୁଖ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ସହୀଦଙ୍କୁ ସମ୍ମାନଜନକ 'ଗାର୍ଡ ଅଫ ଅନର' ପ୍ରଦାନ କରାଯାଇଥିଲା ।ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବେ ବଗା ପୂଜାରୀ ସେବା ସଦନ ପକ୍ଷରୁ ଏକ ବିଶାଳ ସଭାର ଆୟୋଜନ ହୋଇଥିଲା। ସଭାରେ ସହୀଦଙ୍କ ନାତୁଣୀ ଓ ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ ସଭାପତିତ୍ୱ କରିଥିଲେ ।ସଭାରେ ଉପସ୍ଥିତ ଅତିଥିମାନେ ସହୀଦ ବଗା ପୂଜାରୀଙ୍କ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ ଏବଂ ଜଂରେଜ ଶାସନଙ୍କ ହାତରେ ଗିରଫ ହୋଇ କାରାଗାରରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସଭାରେ ତାଙ୍କ ଜୀବନୀ, ସଂଗ୍ରାମ ଓ ବଳିଦାନର ଗାଥାକୁ ସ୍ମରଣ କରି ଉପସ୍ଥିତ ଲୋକମାନେ ତାଙ୍କୁ ଶ୍ରଦ୍ଧା ସମର୍ପଣ କରିଥିଲେ ।

କନ୍ଧମାଳ ହଳଦୀ ଚାଷୀଙ୍କ ଉପରେ କୃପାଦୃଷ୍ଟି କେବେ ? ପ୍ରଚୁର ଉତ୍ପାଦନ ସତ୍ତ୍ୱେ ଅଭାବୀ ବିକ୍ରି

ଫୁଲବାଣୀ,୧୩/୨(ନି/ପ୍ର): କନ୍ଧମାଳ ଜିଲ୍ଲାରେ ଏ ବର୍ଷ ହଳଦୀ ଚାଷ ଭଲ ହୋଇଥିବା ବେଳେ ଅମଳ ବି ପ୍ରଚୁର ହୋଇଛି। କିଛି ସ୍ଥାନରେ ଅମଳ ଶେଷ ହୋଇଯାଇଥିବା ବେଳେ ଆଉ କେତେକ ସ୍ଥାନରେ ଏହା ଜାରି ରହିଛି। ଜିଲ୍ଲା ପ୍ରଶାସନର ତଥ୍ୟ ଅନୁସାରେ, ଚଳିତ କୃଷିବର୍ଷ ୨୦୨୫-୨୬ରେ ଜିଲ୍ଲାରେ ମୋଟ ୧୩,୫୦୦ ହେକ୍ଟର୍ ଜମିରେ ହଳଦୀ ଚାଷ କରାଯାଇଛି। ଏକବନ୍ୟତୀତ ଆଉ କେତେକ ସ୍ଥାନରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅଳ୍ପ ପରିମାଣରେ ଚାଷ କରିଛନ୍ତି। ଗତବର୍ଷ ଜିଲ୍ଲାରେ ମୋଟ ୨୫ ହଜାର ମେଟ୍ରିକ୍ ଟନ୍ ହଳଦୀ ଉତ୍ପାଦନ ହୋଇଥିଲା । କିନ୍ତୁ ଚଳିତବର୍ଷ ୪୦ ହଜାର ମେଟ୍ରିକ୍ ଟନ୍ ହଳଦୀ ଉତ୍ପାଦନ ହେବ ବୋଲି ଅନୁମାନ କରାଯାଉଛି। ତଥାପି ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବା ବେଳେ ସରକାର ଏସାବତ୍ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଧାର୍ଯ୍ୟ କରୁନାହାନ୍ତି। ଫଳରେ ଚାଷୀ ହାଡ଼ଭଙ୍ଗା ପରିଶ୍ରମର ଫଳ ପାଉନି। ଦାରିଙ୍ଗବାଡ଼ି, ଜ.ନୂଆଗାଁ, ରାଜକିଆ, ଗୁ.ଉଦୟଗିରି, ଫିରିଙ୍ଗିଆ ମୋଟ ୫ଟି ବ୍ଲକ୍‌ରେ ୯୫ ପ୍ରତିଶତ ହଳଦୀ ଚାଷ ଚାଷ ହେଉଛି। ବାକି ୬ଟି ବ୍ଲକ୍‌ରେ ମାତ୍ର ୫ ପ୍ରତିଶତ ହଳଦୀ ଚାଷ ହୋଇଥାଏ। ଚଳିତବର୍ଷ ଅଧିକ ଉତ୍ପାଦନ ଯୋଗୁଁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ବର୍ତମାନ ବିଭିନ୍ନ ଗ୍ରାମାଂଚଳରେ ଆଣ୍ଠୁ ବେପାରୀମାନେ ଚେରା ପକାଇଥିବା ବେଳେ କମ୍ ଦରରେ ଚାଷୀଙ୍କଠାରୁ ହଳଦୀ କିଣି ନେଉଥିବା ଚାଷୀ ସୁରେଶ୍ୱର ପ୍ରଧାନ କହିଛନ୍ତି। ଯଦିଓ ସରକାର ଏମ୍‌ଏସ୍‌ପି ଧାର୍ଯ୍ୟ କରିନାହାନ୍ତି, କନ୍ଧମାଳ ଜିଲ୍ଲା ପ୍ରଶାସନ କିନ୍ତୁ ହଳଦୀର ମୂଲ୍ୟ ଧାର୍ଯ୍ୟ କରିଛି। ବର୍ତମାନ ଜଡା ହଳଦୀ କିଲୋ ପିଛା ୩୦ ଟଙ୍କା ଓ ଶୁଖିଲା ହଳଦୀ କିଲୋ ପିଛା ୧୨୦ ଟଙ୍କାରେ ବିକ୍ରି ହେଉଛି। ହଳଦୀଗୁଣ୍ଡ କିଲୋ ପ୍ରତି ୧୬୦ ଟଙ୍କାରେ ବିକ୍ରି ହେଉଛି। ସଂପ୍ରତି 'କସମ' (କନ୍ଧମାଳ ଆପେକ୍ସ ସ୍ପାଇସ୍ ଆସୋସିଏସନ୍ ଫର ମାର୍କେଟିଂ

ଫେବୃୟାରୀ ୧୨ ଦେଶବ୍ୟାପୀ ସାଧାରଣ ଧର୍ମଘଟ ପ୍ରତି ଜନ ସାଧାରଣଙ୍କ ଅଭୂତପୂର୍ବ ସମର୍ଥନ ପାଇଁ ସିଆଇଟିୟୁର କୃତଜ୍ଞତା ପ୍ରକାଶ

ରାଉରକେଲା,୧୩/୨(ନି/ପ୍ର): ଫେବୃୟାରୀ ୧୨ ତାରିଖ ଦେଶରେ ୧୦ଟି କେନ୍ଦ୍ରୀୟ ଟ୍ରେଡ ଓ ସମସ୍ତ କାତୀୟ କର୍ମଚାରୀ ଫେଡେରେସନ ମାନଙ୍କ ପକ୍ଷରୁ ଆହୂତ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଓ ହରତାଳ ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାରେ ସାଧାରଣ ଜନତାଙ୍କ ଅଭୂତପୂର୍ବ ସମର୍ଥନ ଯୋଗୁଁ ସଂଘ ହୋଇଥିବାରୁ ସିଆଇଟିୟୁ ପକ୍ଷରୁ ଜନସାଧାରଣ ଙ୍କୁ ସଂଗଠନ ପକ୍ଷରୁ ବିଶେଷ କୃତଜ୍ଞତା ପ୍ରକାଶ କରାଯାଇଛି । ଏକ ପ୍ରେସ ବିବୃତିରେ ଜନଗଣଙ୍କୁ କୃତଜ୍ଞତା ପ୍ରକାଶ କରି କୁହାଯାଇଛି ଯେ କେନ୍ଦ୍ରର ବି ଜେ ପି ନେତୃତ୍ୱାଧୀନ ମୋଦି ସରକାର ସାଧାରଣ ଲୋକଙ୍କ ସମର୍ଥନ ପାଇ ସରକାର ଗଠନ ପରେ ଗତ ୨୦୧୪ ମସିହା ଠାରୁ ଦେଶର କେତେକ ହାତଗଣତି ବୃହତ ପୁଞ୍ଜିପତି ମାନଙ୍କର ସ୍ୱାର୍ଥରେ କାର୍ଯ୍ୟ କରୁଛି । ଦେଶରେ ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ,ଦେଶର ଛୋଟ ସମ୍ପତ୍ତି ରେଳବାଇ, ସେଲ୍, ବିମାନ ବନ୍ଦର, ବନ୍ଦର ସମେତ ଅନେକ ଲାଭଦାୟକ ସଂସ୍ଥା ଗୁଡିକୁ ନିଜର ମିତ୍ର ବୃହତ ପୁଞ୍ଜିପତି ମାନଙ୍କୁ କିଣି କରୁଛି । ରେଳବାଇ ର ମୁଲ୍ୟବାନ ଜମି ଗୁଡିକ ହସ୍ତାନ୍ତର କରୁଛି । ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ନିୟନ୍ତ୍ରଣ କରିବା ରେ ସଂପୂର୍ଣ୍ଣ ବିଫଳ ହୋଇଛି । ବିଦେଶ ବଜାର ରେ ଅଶୋଧିତ ତୈଳ ଦର ଅନେକ ଗୁଣା ହ୍ରାସ ପାଇଥିଲେ ମଧ୍ୟ ଆମ ଦେଶରେ ପେଟ୍ରୋଲ, ଡିଜେଲ୍ ଦର ଶହେ ଟଙ୍କା ତଳକୁ ଖସୁନାହିଁ । ଦେଶରେ ଶ୍ରମିକ, କୃଷକ ମାନଙ୍କ ଆଇନଗତ ଅଧିକାର ଝୁ ମୋଦି ସରକାର ସମସ୍ତ ଆଇନ ଝୁ ରଦ କରି ୪ଟି କୋର୍ଡ କରି ପୁଞ୍ଜିପତି ଓ ମାଲିକ ମାନଙ୍କ ନିକଟରେ ଶ୍ରମିକଙ୍କୁ କ୍ରିତଦାସ କରିଦେବାକୁ ବସିଛି । କୃଷକ ମାନଙ୍କ ବିରୁଦ୍ଧରେ ପୁଣିଥରେ ବିଜନ ବିଲ୍ -୨୦୨୫ କରି ବିଦେଶୀ କମ୍ପାନୀ ହାତକୁ କୃଷି ବ୍ୟବସ୍ଥା ତେଜି ଦିଆଯାଇଛି ଓ ଜନ ସାଧାରଣଙ୍କ ଉପରେ ଅଧିକ ଆର୍ଥିକ ବୋଝ ଲଦି ଦେବା ପାଇଁ ବିଦ୍ୟୁତ୍ ସଂଶୋଧନ ବିଲ୍ ଅଣାଯାଇଛି । ବର୍ଷକୁ ୨ କୋଟି ନିଯୁକ୍ତି ପ୍ରତିଶ୍ରୁତି ଦେଶର ଯୁବ ସମାଜ ପ୍ରତି ମୋଦି ସରକାରଙ୍କ ପ୍ରତାରଣା ସବୁଶ ହୋଇଛି ।ଗ୍ରାମାଂଚଳର ଦେବାର ଯୁବକ, ଯୁବତୀଙ୍କୁ ବର୍ଷ ଝୁ ସର୍ବନିମ୍ନ କାମ ଯୋଗାଉଥିବା ମନରେଗା ଯୋଜନା ଝୁ ରାଜନୈତିକ ଉଦ୍ଦେଶ୍ୟ ରଖି ବନ୍ଦ କରିବା ସହିତ ଜି ବି ଜି ରାମ ଜି ଆଇନ୍ ଆଣିଛନ୍ତି ଯାହା ଫଳରେ ଗ୍ରାମାଂଚଳର ଲୋକମାନେ ପୁଣିଥରେ କ୍ଷୁଧା ମଧ୍ୟକୁ ଠେଲି ହୋଇଯିବେ । କେନ୍ଦ୍ର ସରକାରଙ୍କ ଏହି ଜନ ବିରୋଧି ନିତୀ ବିରୁଦ୍ଧରେ ଆଗାମୀ ଦିନରେ ଲଗାତାର ଭାବରେ ଆନ୍ଦୋଳନ ଜାରି ରହିବ ଯେ ପର୍ଯ୍ୟନ୍ତ ସରକାର ଏ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଓ ଜନ ବିରୋଧି ନିତୀ ପରିତ୍ୟାଗ କରି ନାହାନ୍ତି ବୋଲି ସି ଆଇ ଟି ୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ରାଜ୍ୟ ଉପସଭାପତି ତଥା ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା,ସି ପି ଆଇ ଏମ୍ ଜିଲ୍ଲା ସଂପାଦକ ପ୍ରମୋଦ ସାମଲ,ସି ଆଇ ଟି ୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲା, ବିମାନ ମାଝି, ଶ୍ରୀମନ୍ତ ଦେହେରା, ବସନ୍ତ ନାୟକ,ସି ପି ଆଇ ଏମ୍ ରାଉରକେଲା ସଂପାଦକ ରାଜ କିଶୋର ପ୍ରଧାନ, ରାଜ୍ୟ ସଂପାଦକ ପ୍ରଭାତ ପଣ୍ଡା,ହୃଦୟାନନ୍ଦ ଯାଦବ, ଶଙ୍କୁଜଳା ମହାଛୁଡ଼,ମୁଶିକା ମୁଣ୍ଡା, ଆନନ୍ଦ ମାଝି ହରେଣ,ବି ପି ମହାପାତ୍ର, ଷ୍ଟିଲ ଏମ୍ପ୍ଲୋଜ ଟ୍ରେଡ ୟୁନିୟନ ନେତା ପ୍ରବୀତ ସେଠୀ, ଯଜ୍ଞେଶ୍ୱର ସାହୁ, ଜୀବନ ବରିହା, ଏନ୍ ଏସ୍ ପାଣିଗ୍ରାହୀ, ବାସୁଦେବ ସାହୁ, ଲୁକନାଣି ରାଉତ, ଗୁରେନ୍ଦ୍ର ମହାଣ୍ଡି,ପି କେ ଷଡ଼ଙ୍ଗୀ, ବିଶ୍ୱଜିତ ରାଉତରାୟ, ପର୍ଶୁରାମ ଜେନା, ରାଉରକେଲା କଣ୍ଟ୍ରାକ୍ଟର ଓରଜର୍ସ ୟୁନିୟନ ନେତା ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ,ଅଜୁ ଦାସ, ବିନୟ ବେହୁରିଆ, ଅଶୋକ ଦାସ,ବଛିରାମ ବେହେରା,ବି ବି ଗିରି, ଏନ୍ କେ ରାଉତରାୟ, ସୁନ୍ଦରଗଡ଼ ମୋଟର କର୍ମଚାରୀ ନେତା ଶୁଭେନ୍ଦୁ ମହାନ୍ତି, ମୀନକେତନ ରାଉତ, ରାଉରକେଲା ମିନି ବସ୍ ଆସୋସିଏସନ୍ ନେତା ଅରୁଣ ମହାରଣା,ଆଇ ବି ଏଲ୍ କେମିକାଲ୍ସ ଓରଜର୍ସ ୟୁନିୟନ ନେତା ଇନ୍ଦ୍ରେ ତ୍ରିପାଠୀ, କିଶୋର ଏକ୍କା, ଆଲୁମିନା ତାଙ୍ଗ, ଏନ୍ ଏସ ପି ସି ଏଲ ଓରଜର୍ସ ୟୁନିୟନ ନେତା ଜଗବନ୍ଧୁ ରାଉତ, ଅଜିତ୍ ରାୟ ବିକ୍ରମ ପଟିଲା, ଜନ୍ମେଜୟ ଘୋଷ, ପ୍ରମୋଦ ପରିଡ଼ା ପ୍ରମୁଖ ଏକ ମିଳିତ ପ୍ରେସ ବିବୃତିରେ ଜଣାଇଛନ୍ତି ।

ବେଦବ୍ୟାସ ପୀଠରେ ମହାଶିବରାତ୍ରି ପାଇଁ ପ୍ରସ୍ତୁତି

ରାଉରକେଲା,୧୩/୨(ନି/ପ୍ର): ଆଉ ଦିନକ ପରେ ଦେବ ଦେବ ମହାଦେବଙ୍କ ଜାଗରଯାତ୍ରା । ରବିବାର ଫେବୃୟାରୀ ୧୫ ତାରିଖ ଦିନ ସମଗ୍ର ଭାରତ ବର୍ଷରେ ପାଳନ ହେବ ମହାଶିବରାତ୍ରି । ମହାଶିବରାତ୍ରି ପୂର୍ବରୁ ଦେବବ୍ୟାସଙ୍କ ପବିତ୍ର ତୀର୍ଥସ୍ଥଳରେ ବ୍ୟାପକ ପ୍ରସ୍ତୁତି ଚାଲିଛି । ବ୍ରାହ୍ମଣୀ ନଦୀ ତୁଳରେ ଅବସ୍ଥିତ, ଏହି ପବିତ୍ର ସ୍ଥଳ ପ୍ରତିବର୍ଷ କାରଗରେ ପ୍ରଭୁ ମହାଦେବଙ୍କ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ । ଦେବବ୍ୟାସ ପୀଠରୁ ତୀର୍ଥଯାତ୍ରୀଙ୍କ ପ୍ରବେଶ ଆମନନ୍ଦ ବୃଦ୍ଧିରେ ରଖୁ, ଜିଲ୍ଲା ପ୍ରଶାସନ ଏବଂ ମନ୍ଦିର ଟ୍ରଷ୍ଟ ପ୍ରତିବର୍ଷ ସୁଗମ ଦର୍ଶନ ସହିତ ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥାଏ । ଚଳିତ ବର୍ଷ, ମନ୍ଦିର ପରିସରରେ ଚାଲିଥିବା ନବୀକରଣ କାର୍ଯ୍ୟ ଯୋଗୁଁ ଦର୍ଶନ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ମୁଖ୍ୟ ମନ୍ଦିର ଭାଙ୍ଗଂଚ ପୁନରୁଦ୍ଧାର କାର୍ଯ୍ୟ ଶେଷ ହେବା ନିକଟରେ ପହଞ୍ଚିଥିବା ବେଳେ, ଚନ୍ଦ୍ରଶେଖର ମନ୍ଦିର ଏବଂ ଅନେକ ଆନୁଷଙ୍ଗିକ ସୁବିଧାର କାର୍ଯ୍ୟ ଏପର୍ଯ୍ୟନ୍ତ ଜାରି ରହିଛି । ମହୋତ୍ସବ ପୂର୍ବରୁ ବାକି ଥିବା କାର୍ଯ୍ୟଗୁଡ଼ିକୁ ଶେଷ କରିବା ପାଇଁ ଶ୍ରମିକମାନେ ଦିନରାତି ପରିଶ୍ରମ କରୁଛନ୍ତି । ଏହି ଅବସରରେ ବେଦବ୍ୟାସ ସଙ୍ଗମ ସ୍ଥଳରେ ଏକ ୧୫ ଦିନିଆ ମେଳାର ଆୟୋଜନ କରାଯାଇଛି । ମେଳାର ପ୍ରମୁଖ ଆକର୍ଷଣ ମଧ୍ୟରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ଦୋଳି ଅନ୍ତର୍ଭୁକ୍ତ । ଚଳିତ ବର୍ଷ ପ୍ରାୟ ୧୦ ପ୍ରକାରର କାର୍ଯ୍ୟକ୍ରମର ଆୟୋଜନ ହୋଇଛି । ଅନେକ ମନୋରଞ୍ଜନ ବ୍ୟବସ୍ଥା ମଧ୍ୟ କରାଯାଇଛି । ରାଜ୍ୟ ଏବଂ ରାଜ୍ୟ ବାହାରୁ ମିଠା ଷ୍ଟଲମାନ ଖୋଲିସାରିଛି, ଯାହା ଉତ୍ତର ଆକର୍ଷଣକୁ ବୃଦ୍ଧି କରୁଛି । ମହାଶିବରାତ୍ରି ଉତ୍ସବକୁ ଭକ୍ତ ଏବଂ ପରିଦର୍ଶକଙ୍କ ପାଇଁ ସୁରକ୍ଷିତ ଏବଂ ସୁଖଶୀତ କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରାଯାଉଛି ।

ଦିନ ଦ୍ୱିପ୍ରହରରେ ଲୁଟ୍ ପେନସନ ଟଙ୍କା ହରାଇଲେ ୮୦ ବର୍ଷୀୟା ବୃଦ୍ଧା, ଦିବ୍ୟାଙ୍ଗ ପୁଅ

ବୀରମିତ୍ରପୁର,୧୩/୨ (ନି/ପ୍ର): ବୀରମିତ୍ରପୁରରେ ଜଣେ ବୃଦ୍ଧା ଏବଂ ତାଙ୍କ ଦିବ୍ୟାଙ୍ଗ ପୁଅଙ୍କଠାରୁ ପେନସନ ଟଙ୍କା ଲୁଟ୍ ହୋଇଥିବା ଏକ ଚାଞ୍ଚଲ୍ୟକର ତଥା ଦୁଃଖଦାୟକ ଘଟଣା ସାମ୍ନାକୁ ଆସିଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଅପରାଧୀଙ୍କ ବଢୁଥିବା ସାହସକୁ ନେଇ ଚିନ୍ତା ପ୍ରକଟ କରିଛି । ବୀରମିତ୍ରପୁର ଆଲେକ୍ସାଣ୍ଡାର୍ ସ୍କୁଲ୍ ନିକଟ ସ୍ଥିତ ବୁଧବାର, ଯେତେବେଳେ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମମାନଙ୍କୁ ପେନସନ ବଣ୍ଟନ କରାଯାଉଥିଲା । ୮୦ ବର୍ଷୀୟା ଲୁଇସ୍ ଟପ୍ପୋ ଏବଂ ତାଙ୍କର ମୂକ ଓ ବଧିର ପୁଅ । ଲୁଇସ୍ ଟପ୍ପୋ ନିଜର ବାର୍ଦ୍ଧକ୍ୟ ଭତା ୩,୫୦୦ ଟଙ୍କା ଏବଂ ତାଙ୍କ ଦିବ୍ୟାଙ୍ଗ ପୁଅଙ୍କ ପାଇଁ ଉଦ୍ଦିଷ୍ଟ ୧,୨୦୦ ଟଙ୍କା ସଂଗ୍ରହ କରି ଏକ ବ୍ୟାଗରେ ଧରି ଘରକୁ ଫେରୁଥିଲେ । ଏହି ସମୟରେ ଜଣେ ଅଜ୍ଞାତ ବୁର୍ଜୁଏ ସ୍କୁଟରରେ ଆସି ହଠାତ୍ ତାଙ୍କଠାରୁ ଟଙ୍କା ବ୍ୟାଗ୍ ଛଡ଼ାଇ ନେଇ ଫେରାର ହୋଇଯାଇଥିଲା । ପୁଅ ଜଣକ କଥା କହିପାରୁ ନଥିବାରୁ ସେ ପାଟି କରି କାହାକୁ ସାହାଯ୍ୟ ମାଗିପାରି ନଥିଲେ, ଯାହାଫଳରେ ଲୁଟେରା ଜଣକ ସହଜରେ ଖସି ପଳାଇଥିଲା । ଖବର ପାଇ ବୀରମିତ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତକୁ ଚିହ୍ନଟ କରିବା ପାଇଁ ପୋଲିସ ଆଖପାଖ ଅଞ୍ଚଳର ଉଭଞ୍ଚଠ ଫୁଟେଜ୍ ଯାଚଁ କରୁଛି । ଏହି ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଭବିଷ୍ୟତରେ ଏଭଳି ଅପରାଧ ରୋକିବା ପାଇଁ ପେନସନ ବଣ୍ଟନ କେନ୍ଦ୍ରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଜଡ଼ାଳକ୍ରି କରିବାକୁ ଜନସାଧାରଣ ଦାବି କରିଛନ୍ତି ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୫-୨୬ର ତୃତୀୟ ମ୍ୟାଚରେ ଆର୍ଜେଣ୍ଟିନା ୮-୦ ଗୋଲରେ ଭାରତକୁ ପରାସ୍ତ କରି ବିଜୟୀ

ରାଉରକେଲା ୧୩/୨(ନି/ପ୍ର): ଦିର୍ଘୀ ମୁଣ୍ଡା ଆରଜୀତୀୟ ହକି ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍(ପୁରୁଷ) ୨୦୨୫-୨୬ର ତୃତୀୟ ମ୍ୟାଚ ଭାରତ ବନାମ ଆର୍ଜେଣ୍ଟିନା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତୀୟ ହକି ଦଳ ପ୍ରଥମ କ୍ୱାର୍ଟରର ୧୪ ମିନିଟ ସମୟରେ ଦୁଇଟି ପେନାଲଟି ଷ୍ଟ୍ରୋକ ପାଇଥିଲେ ମଧ୍ୟ କୌଣସି ଗୋଲ୍ କରିବାକୁ ସକ୍ଷମ ହୋଇପାରି ନଥିଲେ । ପରବର୍ତ୍ତୀ ସମୟରେ ଆର୍ଜେଣ୍ଟିନା ପ୍ରଭାବ ବିସ୍ତାର କରି ଦୁଇଟି ଗୋଲ ଷ୍ଟୋର କରିଥିଲା, ସେଥିମଧ୍ୟରୁ ଗୋଟିଏ ଫିଲ୍ଡ ଗୋଲ ହୋଇଥିଲା ବେଳେ ଅନ୍ୟଟି ପେନାଲଟି କର୍ଣ୍ଣର ମାଧ୍ୟମରେ ହୋଇଥିଲା । ଆଜି ଭାରତୀୟ ଖେଳାଳିଙ୍କ ମଧ୍ୟରେ ତାଳମେଳର ଅଭାବ ପରିଲକ୍ଷିତ ହୋଇଥିବା ଦେଖାଯାଇଥିଲା । ପ୍ରଥମାର୍ଦ୍ଧ ସୁଦ୍ଧା ଆର୍ଜେଣ୍ଟିନା ୭-୦ ଗୋଲରେ ଅଗ୍ରଣୀଥିଲା କରିଥିଲା । ତୃତୀୟ କ୍ୱାର୍ଟରରେ ଉଭୟ ଭାରତ ଓ ଆର୍ଜେଣ୍ଟିନା କୌଣସି ଗୋଲ୍ ଷ୍ଟୋର କରି ପାରିନଥିଲେ । ଚତୁର୍ଥ କ୍ୱାର୍ଟରରେ ଉଭୟ ଭାରତ ଓ ଆର୍ଜେଣ୍ଟିନା ପେନାଲଟି କର୍ଣ୍ଣର ସୁଯୋଗ ପାଇଥିଲେ ମଧ୍ୟ ସୁଯୋଗର ସଦୁପଯୋଗ କରିପାରି ନଥିଲେ । ପରବର୍ତ୍ତୀ ସମୟରେଆର୍ଜେଣ୍ଟିନାର ଡୋମେନେ ଡୋମାସ୍ ଆଉ ଗୋଟିଏ ଗୋଲ ଷ୍ଟୋର କରି ୮-୦ ଗୋଲରେ ଭାରତକୁ ପରାସ୍ତ କରି ବିଜୟଲାଭ କରିଥିଲା ।

ଜିଲ୍ଲା ମହୋତ୍ସବ ଯତରା-୨୦୨୬ର ଉଦଯାପନୀ କାର୍ଯ୍ୟକ୍ରମ

କଣ୍ଠଶିଳ୍ପୀ ମଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ

ସୁନ୍ଦରଗଡ଼,୧୩/୨(ନି/ପ୍ର): ଉଦଯାପିତ ହୋଇଯାଇଛି ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ ଯତରା - ୨୦୨୬ । ଏହି ଉଦଯାପନୀ ସନ୍ଧ୍ୟାରେ ଯତରା ମଚଂକୁ ହକି କିମ୍ବଦନ୍ତୀ ମାଇକେଲ କିଣ୍ଡୋଙ୍କ ନାମରେ ସମର୍ପଣ କରାଯାଇଥିଲା । ଏହି ଅବସରରେ କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁଣ୍ଡୀ ଲକ୍ଷ୍ମୀ ପ୍ରଭା ପତି ଓ ସୁଣ୍ଡୀ ସମ୍ବିତା ଏବଂ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ 'ମିମ ଶୁଶାନ ବନ୍ଧୁ'ଙ୍କୁ ସୁନ୍ଦରଗଡ଼ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିଭଳି ସାହସିକତା ନିମନ୍ତେ ପୋଲିସ କର୍ମଚାରୀ, ଅଗ୍ନିଶମ କର୍ମଚାରୀ ଏବଂ ରାଉରକେଲାର ଜରୁରୀକାଳୀନ ବିମାନ ଅବତରଣ ସମୟ ରେ ସହଯୋଗ କରିଥିବା ଜଣେ ଗ୍ରାମବାସୀ ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି । ସେହିଭଳି ଜିଲ୍ଲା ସ୍ତରୀୟ ଯତରା ଆୟୋଜନ ନିମନ୍ତେ ସମସ୍ତ ବ୍ଲକ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ଯତରା ଅବସରରେ ବିଭିନ୍ନ ବ୍ଲକ ମାନଙ୍କରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ଅନୁଷ୍ଠାନ, ବିଭିନ୍ନ କମିଟି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ରାଉରକେଲାର ନୃତ୍ୟ ମଲ୍ଲହାର ଦ୍ୱାରା ଓଡ଼ିଶୀ ନୃତ୍ୟ, କଳାହାଣ୍ଡିର ଘୁମୁରା ନୃତ୍ୟ, ମହାରାଷ୍ଟ୍ରର ଲାଭନୀ ନୃତ୍ୟ,ଫେଟ୍ ଫୀଜେଟର,ପୁରୀ ଦ୍ୱାରା ମାଲଖାମ୍ବ ଏବଂ ଓଲିଉର ବୁ ବିଦ୍ୟାବିଶା ମହାନ୍ତି ଓ ଛୁଲିକ ଶାଳି ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି କଣ୍ଠଶିଳ୍ପୀ ମଟୁ ଛୁରିଆଙ୍କ ଦ୍ୱାରା ଚାରଜା ରାତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ହିନ୍ଦୁ ସଙ୍ଗିଳନୀଙ୍କୁ ନେଇ ଉଦିତନଗର ରାଧାକ୍ରିଷ୍ଣ ମନ୍ଦିରରୁ ବାହାରିଲା ଭବ୍ୟ କଳସ ଯାତ୍ରା ମୁଖ୍ୟମାର୍ଗ ଦେଇ ଶିବାଜୀମାର୍ଗ ସ୍ଥିତ ଶାଖା କାର୍ଯ୍ୟାଳୟ ପହଞ୍ଚିଥିଲା

ବାଲ୍ୟ ବିବାହ ମୁକ୍ତ ଭାରତ ଓ ଲିଙ୍ଗ ନିରୂପଣ ପ୍ରତିବନ୍ଧ ଅଧିନିୟମ ସମ୍ବନ୍ଧରେ ସଚେତନତା ଶିବିର

ନୂଆପଡ଼ା,୧୩/୨(ନି/ପ୍ର): ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଚଳିତ ଆଶା ଯୋଜନା ଅନ୍ତର୍ଗତ ବାଲ୍ୟ ବିବାହ ମୁକ୍ତ ଭାରତ ଓ ଗର୍ଭଧାରଣ ପୂର୍ବ ଓ ପ୍ରସବ ପୂର୍ବ ନିବାରଣ ପ୍ରକ୍ରିୟା (ଲିଙ୍ଗ ନିରୂପଣ ପ୍ରତିବନ୍ଧ) ଅଧିନିୟମ ସମ୍ବନ୍ଧରେ ଏକ ଆଇନ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ. ଧନେଶ୍ୱର ସେଠୀ, ତହସିଲଦାର ଗୋମନା ସର୍ବେଶ୍ୱର ଜାଲ, ବିଡିଓ ବୋଡ଼େଚ ସୁଶାନ୍ତ କୁମାର ରଣା, ବିଡିଓ ସିନାପାଲି କର୍ମୀ ଓରାମ, ତହସିଲଦାର ସିନାପାଲି ଉପାଞ୍ଚକି ମଲ୍ଲିକ, ତହସିଲଦାର ବୋଡ଼େନ ସନ୍ତୋଷ ଗୁପ୍ତା, ତହସିଲଦାର

ଆଇଜିଏଚ୍‌ରେ ଆଉ ଏକ ସଫଳ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ସମ୍ପନ୍ନ

ରାଉରକେଲା,୧୩/୨(ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ୍)ର ସଂପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ (ଟିକେଆର) ଚିକିତ୍ସା ଏବେ ଏକ ନିୟମିତ ଏବଂ ବିଶ୍ୱସ୍ତ ପ୍ରକ୍ରିୟା ପାଲଟିଛି । ଏହା ଦ୍ୱାରା ଜୁମବର୍ଦ୍ଧିଷ୍ଣୁ ରୋଗୀ ଉପକୃତ ହେଉଛନ୍ତି । ସେମାନେ ଏଭଳି ଚିକିତ୍ସା ପାଇଁ ଦୂର ସହରକୁ ଯାତ୍ରା କରି ବ୍ୟୟବହୁଳ ଚିକିତ୍ସା କରିବା ପରିବର୍ତ୍ତେ ସ୍ଥାନୀୟ ଭାବରେ ଉନ୍ନତ ଅସ୍ତ୍ରିଶଲ୍ୟ ଚିକିତ୍ସା ଲାଭ କରୁଛନ୍ତି । ଏହି କ୍ରମରେ ସଫଳ ଚିକିତ୍ସାର ଅନ୍ୟ ଏକ ଉଦାହରଣ ସ୍ୱରୂପ, ଜଣେ ୭୫ ବର୍ଷୀୟା ମହିଳା ଦୀର୍ଘଜାଳନ ଗତିଶୀଳତା ସମସ୍ୟାକୁ ଦୂର କରି ଏକ ସକ୍ରିୟ ଜୀବନ ଫେରିପାଇ ଆଣିବାରେ ଆଇଜିଏଚର ଶଲ୍ୟ ଚିକିତ୍ସା ସହାୟକ ହୋଇଛି । "ମୁଁ ଗତ ୮ ରୁ ୧୦ ବର୍ଷ ଧରି ଭୀଷଣ ଆଣ୍ଠୁ ଯନ୍ତ୍ରଣା ସହ ଚାଲିବାରେ କଷ୍ଟ ଅନୁଭବ କରୁଥିଲି । ଇସ୍ପାତ ଜେନେରାଲ୍ ହସ୍ପିଟାଲ୍‌ର ବିଶେଷଜ୍ଞ ଡାକ୍ତରୀ ଦଳଙ୍କୁ ଅଶେଷ ଧନ୍ୟବାଦ ଯାହାଙ୍କର ଉନ୍ନତ ଚିକିତ୍ସା ପାଇଁ ମୁଁ ମୋର ଗତିଶୀଳତା ଫେରିପାଇଛି," ବୋଲି ବରିଷ୍ଠ ନାଗରିକ ଶ୍ରୀମତୀ ଶରଳା ଭକ୍ତ ଆଇଜିଏଚ ରୁ ପାଇଥିବା ବ୍ୟକ୍ତିଗତ ଯତ୍ନ ଏବଂ ଚିକିତ୍ସା ପାଇଁ ଡାକ୍ତରୀ ଦଳ ପ୍ରତି କୃତଜ୍ଞତା ପ୍ରକାଶ କରି କୁହନ୍ତି । ଶ୍ରୀମତୀ ଭକ୍ତଙ୍କୁ ଜାନୁଆରୀ ୨୮ ତାରିଖ ଦିନ ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ଜାନୁଆରୀ ୩୦ ତାରିଖରେ ସଫଳତାର ସହିତ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା । ତାଙ୍କର ବୟସାଧୀକ ଏବଂ ଆଣ୍ଠୁ ଅଷ୍ଟିଓଆର୍ଥରାଇଟିସ୍ ଯୋଗୁଁ ତାଙ୍କର ଦୀର୍ଘ ସମୟ ଯନ୍ତ୍ରଣାକୁ ତୁଷ୍ଟି ରେ ରଖୁ, ଏହି ଅସ୍ତ୍ରୋପଚାର ତାଙ୍କ ସ୍ୱାଭାବିକ ଜୀବନ ଗୁଣବତ୍ତା ଫେରାଇ ଆଣିବାରେ ଏକ ଗୁରୁତ୍ୱପ